# ମ୍ୟାନେଜମେଣ୍ଟ ଆସୋସିଏସନ୍ ପକ୍ଷରୁ ଆନ୍ତଃ ସ୍କୁଲ କୁଇଜ୍ ପ୍ରତିଯୋଗିତା



**ରାଉରକେଲା, ୧୫।୪(ସମିସ):** ଆର୍ଏସ୍ପି ସହଭାଗିତା ତଥା ମ୍ୟାନେଜମେଣ୍ଟ ଆସୋସିଏସନ୍ ରାଉରକେଲା ଆନୁକୂଲ୍ୟରେ ରାଉରକେଲା କ୍ଲବରେ ଆନ୍ତଃ ବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା 'ମାଇଣ୍ଡସ୍ପାର୍କ' ଆୟୋଜିତ ହୋଇଛି। ଏଥିରେ ଛାତ୍ରଛାତ୍ରୀମାନେ ବିପୁଳ ଉତ୍ସାହ ସହ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟଅତିଥି ରୂପେ ଯୋଗଦେଇ ବିଜେତା ଏବଂ ରନର୍ସ ଅପ୍ ଦଳଙ୍କୁ ଆର୍ଥିକ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡା. ବିକେ ହୋତା, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା ତଥା ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି କୁଇଜ୍ ପ୍ରତିଯୋଗିତାରେ ରାଉରକେଲା ଏବଂ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୨୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ପାରମ୍ପରିକ ଶିକ୍ଷଣ ସୀମା ଅତିକ୍ରମ କରିବାକୁ ଏକ ଆନ୍ତରିକ ଲକ୍ଷ୍ୟ ସହିତ 'ମାଇଣ୍ଡସ୍ପାର୍କ' ଅଷ୍ଟମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ସେମାନଙ୍କ ଜ୍ଞାନ ଏବଂ ବିଶ୍ଳେଷଣାତ୍ମକ ଶକ୍ତି ପ୍ରଦର୍ଶନ କରିବାକୁ ଏକ ମଞ୍ଚ ପ୍ରଦାନ କରିଥିଲା। ଦିଲ୍ଲୀର ପ୍ରଖ୍ୟାତ କୁଇଜମାଷ୍ଟର ଅଜୟ ପୁନିଆଙ୍କ ଦ୍ୱାରା ପରିଚାଳିତ ଏହି କୁଇଜ୍ ପ୍ରତିଯୋଗିତା ଅଂଶଗ୍ରହଣକାରୀଙ୍କୁ ଜଟିଳ ରୂପେ ଚିନ୍ତନ ଏବଂ ଶୀଘ୍ର ପ୍ରତିକ୍ରିୟା ପ୍ରଦାନ ପାଇଁ ଆହ୍ୱାନ ଦେଇଥିଲା। ପୁନିଆଙ୍କ ଆକର୍ଷଣୀୟ ଶୈଳୀ ଏବଂ ଜ୍ଞାନର ଗଭୀରତା ପ୍ରତିଯୋଗିତାରେ ଉତ୍ସାହର ଏକ ନୂଆ ସ୍ତର ଯୋଡ଼ିଥିଲା ଏବଂ ଅଂଶଗ୍ରହଣକାରୀମାନଙ୍କୁ ବିଭିନ୍ନ ଉତ୍ସରୁ ସୂଚନା ଗ୍ରହଣ ଏବଂ ଅନୁସନ୍ଧାନ ପାଇଁ ଉତ୍ସାହ ସୃଷ୍ଟି କରିବାକୁ ଅନୁପ୍ରେରିତ କରିଥିଲା।

କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଏକ ବନ୍ଧୁତ୍ୱପୂର୍ଣ୍ଣ କିନ୍ତୁ ପ୍ରତିଯୋଗିତାମୂଳକ ବାତାବରଣରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ବୁଦ୍ଧି ଏବଂ ସହଭାଗିତାର ପ୍ରଦର୍ଶନ କରିଥିଲେ। ସମାବେଶକୁ ମ୍ୟାନେଜମେଣ୍ଟ ଆସୋସିଏସନ୍ ରାଉରକେଲାର ସଚିବ ତଥା ରିଫ୍ରାକ୍ଟୋରୀ ଇଞ୍ଜିନିୟରିଂ ସେବା ବିଭାଗ ଜିଏମ୍ ଇନ ଚାର୍ଜ ଏସ୍ଏସ୍ ପଣ୍ଡା ସ୍ୱାଗତ କରିଥିଲେ। ରିଫ୍ରାକ୍ଟୋରୀ ଇଞ୍ଜିନିୟରିଂ ସେବା ବିଭାଗ ଏଜିଏମ୍ ସମ୍ପଦ ମିଶ୍ର ସଂଯୋଜନା କରିଥିଲେ।

### ଆଞ୍ଚଳିକ ଯୋଗ ଅଲିମ୍ପିଆଡ୍

# ସେଣ୍ଟ ଯୋଶେଫ ଛାତ୍ରଛାତ୍ରୀଙ୍କ ସଫଳତା




**ବଣାଇଁ, ୧୫।୪(ସମିସ):** ବଣାଇଁ ସେଣ୍ଟ ଯୋଶେଫ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଆଞ୍ଚଳିକ ଯୋଗ ଅଲିମ୍ପିଆଡରେ ଯୋଗଦେଇ କୃତିତ୍ୱ ଅର୍ଜନ କରିବା ସହ ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି। ଏଥିପାଇଁ ସ୍କୁଲ ପକ୍ଷରୁ ସେମାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

ସିଆଇଏସ ସିଇ ନୂଆଦିଲ୍ଲୀ ଆନୁକୂଲ୍ୟରେ ଗତ ଶନିବାର ଭୁବନେଶ୍ୱର ଲୟଲା ସ୍କୁଲଠାରେ ଆଞ୍ଚଳିକ ଯୋଗ ଓ ଅଲିମ୍ପିଆଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବଣାଇଁ ସେଣ୍ଟ ଯୋଶେଫ ସ୍କୁଲର ଖେଳ ଶିକ୍ଷକ ଚିନ୍ମୟ ଜେନାଙ୍କ ନେତୃତ୍ୱରେ ୮ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଯୋଗ ପ୍ରଦର୍ଶନରେ ସଫଳତା ପାଇଛନ୍ତି। ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ଜି ମାନୁଏଲ ଓ ସମ୍ମାନିତ ଅତିଥି ଭାବେ ସହ ସମ୍ପାଦକ ସଙ୍ଗୀତା ଭାଟିଆ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଏଥିସହ ଯୋଗର ମହତ୍ତ୍ୱକୁ ନୂଆ ପିଢ଼ିଙ୍କୁ ଶିଖାଇବା ପାଇଁ ପାଠ୍ୟକ୍ରମରେ ଯୋଡ଼ାଯିବା ଆବଶ୍ୟକ ବୋଲି କହିଥିଲେ। ବଣାଇଁ ସେଣ୍ଟ ଯୋଶେଫ ସ୍କୁଲ ଛାତ୍ର ପ୍ରତ୍ୟୁଷ ପ୍ରିୟରଞ୍ଜନ ପ୍ରଧାନ, ସମରେନ୍ଦ୍ର ନାଗ, ସିମରନ ମହାନ୍ତି, ସାକଚି ଗୁପ୍ତା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି।

## ଆଇପିଏଲ୍ ବେଟିଂର ନୂଆ ଫର୍ମୁଲା, ସବୁ ଆଡ଼େ ମାତିଛନ୍ତି ମାଫିଆ

# ଆଇଡିରେ ହେଉଛି ଖେଳ; ଦୈନିକ କୋଟି କୋଟିର କାରବାର

**ରାଉରକେଲା, ୧୫।୪(ସମିସ)**

ବିଶ୍ୱର ସବୁଠାରୁ ଦାମୀ କ୍ରିକେଟ ପ୍ରତିଯୋଗିତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଏବେ ଜାରି ରହିଛି। ଏହାକୁ ଦେଖି ରାଉରକେଲାରେ ପୁଣି ମାତିଛନ୍ତି ଆଇପିଏଲ୍ ବେଟିଂ ଦଲାଲ। କୌଣସି ନିଛାଟିଆ ସ୍ଥାନ ନୁହଁ ପୂରା ଭିଡ଼ ବଜାରରେ ଥିବା ଛୋଟ ବଡ଼ ଦୋକାନରେ ଚାଲିଛି ଏହି ସଟ୍ଟା ଖେଳ। ସିଧାସଳଖ ଟଙ୍କା ଦିଆନିଆ ହେଉ ନ ଥିବା ବେଳେ ସବୁ ଖେଳ ଚାଲିଛି ମୋବାଇଲରେ। କିଛି ଏଭଳି ଅଭିଯୋଗ ସାମ୍ନାକୁ ଆସିଛି ରାଉରକେଲା ସହରରୁ। ଗାଁଠୁ ସହର ସବୁଠି କ୍ରିକେଟ ବେଟିଂ ଖେଳ ସରଗରମ ରହିଥିବା ବେଳେ ଆଇପିଏଲର ପ୍ରତି ମ୍ୟାଚରେ ଲକ୍ଷ ଲକ୍ଷ ଟଙ୍କାର ସଟ୍ଟା କାରବାର ଚାଲିଥିବା ଅଭିଯୋଗ ହୋଇଛି। କିଏ ହାରିଲା, କିଏ ଜିତିଲା ତାହା ତ ଭିନ୍ନ କଥା, କିନ୍ତୁ ଏନେଇ ବେଟିଂ ମାଫିଆ ଭାରି ତତ୍ପର। ପ୍ରଥମ ମ୍ୟାଚରୁ ହିଁ ରାଉରକେଲାରେ ଉଡ଼ିଲାଣି ଲକ୍ଷ ଲକ୍ଷ ଟଙ୍କା। କିଏ ମାରିବ ସର୍ବାଧିକ, କିଏ ନେବ ସର୍ବାଧିକ ୱିକେଟ, କିଏ ଜିତିବ ପୁଣି କିଏ ହାରିବ, କେଉଁ ବଲରେ କିଏ ଆଉଟ୍ ହେବ ତ ପୁଣି କେଉଁ ବଲରେ କିଏ ଛକ୍କା ମାରିବ, ଏମିତି ଅନେକ କିଛି। ପ୍ରତି ବଲରେ ଚାଲିଛି ବେଟିଂ। ଆଇପିଏଲ ରୋମାଞ୍ଚ ଭିତରେ ରାଉରକେଲାରେ ସଟ୍ଟା




ବଜାର ମଧ୍ୟ ସରଗରମ ରହିଛି। ଛୋଟ ପାନ ଦୋକାନ, ଚା' ଦୋକାନରେ ଏହି ବେଟିଂ ଚାଲିଥିବା ଜଣାପଡ଼ିଛି। ମୋବାଇଲ ଫୋନରେ ବେଟିଂ ଚାଲିଥିବାରୁ ଏ ନେଇ କେହି ସୂଚନା ପାଇବା ବି ମୁସ୍କିଲ। ବିଭିନ୍ନ ଛକମାନଙ୍କରେ ଥିବା ଦୋକାନରେ ଏଜେଣ୍ଟମାନେ ବସି ବେଟିଂ ଲଗାଉଥିବା ବେଳେ ଅନଲାଇନ୍‌ରେ ଟଙ୍କା ନେଉଛନ୍ତି। ସମସ୍ତ କାରବାର ଗୁପ୍ତରେ ଚାଲିଥିବା ବେଳେ ପୁଲିସ ଏହା ଉପରେ ନଜର ପକାଇବା ବି ମୁସ୍କିଲ। ଜାଣିଲେ ମଧ୍ୟ ତାହା ପ୍ରମାଣ କରିବା ପୁଲିସ ପକ୍ଷରେ କାଠିକର ପାଠ। ଫଳରେ ଜାଣି ବି ପୁଲିସ ନିରବ ରହିଥିବା ଆଲୋଚନା ହେଉଛି।

ରାଉରକେଲାରୁ ମୁମ୍ବଇ ପର୍ଯ୍ୟନ୍ତ ଏହି ଖେଳର ନେଟୱାର୍କ ରହିଥିବା ବେଳେ ପର୍ଯ୍ୟାୟ କ୍ରମେ ଏହି ଖେଳର ପରିଚାଳନା ପାଇଁ ଏଜେଣ୍ଟ, ସବ ଏଜେଣ୍ଟ ରହିଛନ୍ତି। କମ୍ ସମୟରେ ଟଙ୍କା ଆୟ କରିବା ଏହା ଏକ ସୁବିଧାଜନକ ମାଧ୍ୟମ ଭାବି ଲୋକେ ସର୍ବସ୍ୱାନ୍ତ ହେଉଥିବା ସତ୍ତ୍ୱେ ଜୋରସୋରରେ ଏହି ଖେଳ ଚାଲିଛି। ବିଶେଷକରି ଏହି ଖେଳରେ ଯୁବଗୋଷ୍ଠୀ ମାତିଛନ୍ତି। ଏଥର ନିଜ ଆଡ୍ଡାରେ ନୁହେଁ ବରଂ ଜନଗହଳି ଅଞ୍ଚଳରେ ଚାଲିଛି ଖେଳ। ନଗଦ କାରବାର ବଦଳରେ ଆଇଡି ବ୍ୟବହାର କରାଯାଉଛି। ପୁଲିସ କବଳରୁ ବର୍ତ୍ତିବା ପାଇଁ ତଥା କାହାରିକୁ କିଛି ସନ୍ଦେହ ଯେପରି ନ ହୁଏ ସେ ଦିଗ ପ୍ରତି ବିଶେଷ ଗୁରୁତ୍ୱ ଦେଇ ମାଫିଆମାନେ ଏହି ନୂଆ ଫର୍ମୁଲା ଆପଣାଇଛନ୍ତି।

ବିଶେଷକରି ରାଉରକେଲା ସହରର ମୁଖ୍ୟ ରାସ୍ତାରୁ ଆରମ୍ଭ କରି ଗଳି ରାସ୍ତା ଯାଏଁ ଏହି ଖେଳ ବର୍ତ୍ତମାନ୍ ସରଗରମ ରହିଛି। ପ୍ରତି ମ୍ୟାଚରେ ଲକ୍ଷାଧିକ ଟଙ୍କାର କାରବାର ହେଉଥିବା ବେଳେ ଦୈନିକ କୋଟି କୋଟି ଟଙ୍କା ମାଫିଆମାନେ ଆଦାୟ କରୁଥିବା କୁହାଯାଉଛି। ମାଫିଆମାନେ ଚଳିତ ଥର ଆଡ୍ଡା କରୁନାହାନ୍ତି। ଆଇଡି ଯୋଗେ ବେଟିଂ ଚାଲିଥିବା ଯୋଗୁଁ ଏନେଇ କେହି ବି ସୂଚନା ପାଇବା ମହା ମୁସ୍କିଲ। ବିଭିନ୍ନ ସ୍ଥାନରେ ମାଫିଆମାନେ ସାଧାରଣ ଲୋକ ଭଳି ବୁଲାବୁଲି କରି ବେଟିଂ ଲଗାଉଥିବା ବେଳେ ଅନଲାଇନରେ ଟଙ୍କା କାରବାର ହେଉଛି।

ରାୟପୁର ଓ କୋଲକାତାରୁ ରାଉରକେଲାକୁ ବେଟିଂର ଚେର ଲମ୍ବିଥିବା କୁହାଯାଉଛି। ରାଉରକେଲାରେ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ନାଲାରୋଡ, ମୀନାପଡ଼ା, ଜନତା ନିବାସ ଗଳି, ଗୋପବନ୍ଧୁପାଲି, ଟିମ୍ବର କଲୋନୀ ଓ ରଘୁନାଥପାଲି ଥାନା ଅନ୍ତର୍ଗତ ଦେଓଗାଁ ଅଞ୍ଚଳର ମାଫିଆମାନେ ରାଉରକେଲାର ବେଟିଂ ମୁଖିଆ ସାଜିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି। ଏହାସହ ଗୋପବନ୍ଧୁପାଲି ଫାଣ୍ଡି ନିକଟ ଏକ ମୁଢ଼ି ଦୋକାନୀ କୁଆଡ଼େ ଭାରି ମାତ୍ରାରେ ଆଇଡି ସର୍କୁଲେଟ୍ କରୁଥିବା ଜଣାପଡ଼ିଛି। ସବୁ ମାଫିଆ ଆଇଡି ସର୍କୁଲେଟ କରୁଛନ୍ତି। ପର୍ଯ୍ୟାୟ କ୍ରମେ ଖେଳ ଉପରେ ବେଟିଂ କରାଯାଇ ଅନଲାଇନ୍ ଯୋଗେ ଟଙ୍କା କାରବାର କରାଯାଉଛି। ତେବେ ପୁଲିସ ଖେଳ ଆରମ୍ଭ ହେବା ଦିନଠାରୁ ଏ ଦିଗ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଦୃଷ୍ଟିଗୋଚର ହୋଇଛି। ସୂଚନାଯୋଗ୍ୟ, ପ୍ରତ୍ୟେକ ବର୍ଷ ଆଇପିଏଲ ଆରମ୍ଭ ହେବା କ୍ଷଣି ବେଟିଂ ଆରମ୍ଭ ହୋଇଥାଏ ବୋଲି ସମସ୍ତେ ଜାଣନ୍ତି। ସଟ୍ଟା ସାଙ୍ଗକୁ ବିଭିନ୍ନ ଆପ ଯୋଗେ ଚାଲିଛି ଏହି ଖେଳ। ପୁଲିସ ଏଥିପ୍ରତି ଧ୍ୟାନ ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି।



ରାଉରକେଲାରେ ବିଶ୍ୱକର୍ମା ସମାଜ ପକ୍ଷରୁ ମହାବିଷୁବ ସଂକ୍ରାନ୍ତିରେ ପଣା ବଣ୍ଟନ

## ଇସ୍ପାତ ସାହିତ୍ୟ ସଂସଦରେ ଅଣୁ ଗଳ୍ପ ଆସର

# 'ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ ଓଡ଼ିଆ ସାହିତ୍ୟର ନିଆରା ଅଧ୍ୟାୟ'



**ରାଉରକେଲା, ୧୫।୪(ସମିସ):** ରାଉରକେଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦ ଆନୁକୂଲ୍ୟରେ କଥାକାର ସୁରେନ୍ଦ୍ର ମହାନ୍ତିଙ୍କ ସ୍ମୃତିରେ ମନୋଜ୍ଞ ଅଣୁ ଗଳ୍ପ ପାଠ ଆସର ସଂସଦ ସଭାଗୃହରେ ଅନୁଷ୍ଠିତ ହୋଇଛି। ସଭାପତି ବ୍ରଜେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାସନ୍ତି ପାଠାଗାର ସଭାପତି ଡ. ଶକ୍ତିପ୍ରସାଦ ସାମନ୍ତରାୟ ମୁଖ୍ୟଅତିଥି, ବେଦବ୍ୟାସ ଗୁରୁକୁଳ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପିକା ଶାନ୍ତି ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଏବଂ ସୁରେନ୍ଦ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଅତିଥିମାନେ ସୁରେନ୍ଦ୍ରଙ୍କ କାଳଜୟୀ ସୃଷ୍ଟିର ଆଲୋଚନା କରି ସୁରେନ୍ଦ୍ର ମହାନ୍ତି ଏକାଧାରରେ ଜଣେ ସାହିତ୍ୟିକ, ସାମ୍ବାଦିକ ଓ ରାଜନେତା ଭାବେ ପ୍ରତିଷ୍ଠା ଲାଭ କରି ସମାଜକୁ ଦିଗ୍‌ଦର୍ଶନ ଦେଇଯାଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ଗାଳ୍ପିକା ମଞ୍ଜୁଳା କୁମାରୀ ରଥଙ୍କ ସଭାପତିତ୍ୱ ଏବଂ ଉପେନ୍ଦ୍ର କୁମାର ବସ୍ତିଆ ଓ ସୁମିତ୍ରା ମିଶ୍ରଙ୍କ ସଂଯୋଜନାରେ ଅଣୁ ଗଳ୍ପପାଠ ଆସର ଅନୁଷ୍ଠିତ ହୋଇଥିଲା। ଅଜୟ କୁମାର ମହାନ୍ତି, ଗୌତମ ଦାଶ, ସତ୍ୟବ୍ରତ ଦାସ, ନୃସିଂହ ଚରଣ ବିଶ୍ୱାଳ, କାଶୀନାଥ ନନ୍ଦୀ, ସଞ୍ଜୀବ ଭୋଇ, ସୁନୀତା ସାହୁ, ଚିତ୍ତରଞ୍ଜନ ବ୍ରହ୍ମା, ବିକ୍ରମ ଆଚାର୍ଯ୍ୟ, ପ୍ରଫୁଲ୍ଲ ସାମଲ, ମମତା କୁମାରୀ ଜେନା, ଅର୍ଚ୍ଚନା ପାତ୍ର, ଡଲିରାଣୀ ବ୍ରହ୍ମା, ବିଜୟିନୀ ଜେନା, ସବିତା ବସ୍ତିଆ, ଭରତ ଶତପଥୀ, ବଳରାମ ଦାସ, ମଞ୍ଜୁଳା ରଥ ଏବଂ ଉପେନ୍ଦ୍ର ବସ୍ତିଆ ପ୍ରମୁଖ ଅଣୁ ଗଳ୍ପ ପାଠ କରିଥିଲେ। ଅକ୍ଷୟ କୁମାର ସାମଲ, ସୁଶାନ୍ତ କୁମାର ନାୟକ, ବିଭୁପ୍ରସାଦ ନାୟକ, ଜ୍ଞାନେନ୍ଦ୍ର କୁମାର ସାହୁ, ଦିବାକର ଦାସ, ଶିବ କୁମାର ସାହୁ, ସୁକାନ୍ତ ମହାପାତ୍ର, ଡ. ଅନଙ୍ଗ କୁମାର ପ୍ରହରାଜ, ଗଙ୍ଗାଧର ପୁହାଣ, ପ୍ରବୀର କୁମାର ଦୁବେ, ଅଜିତ କୁମାର ଗଉଡ଼, ପ୍ରୀତମ ମହାନ୍ତି ଏବଂ ରଙ୍କନିଧି ସେଠୀ ପ୍ରମୁଖ ବହୁ କବି ଓ ଲେଖକ ଉପସ୍ଥିତ ଥିଲେ। ସହ ସାଧାରଣ ସମ୍ପାଦକ ଗୌତମ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେପିର ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ ଅଭିଯୋଗ

**ରାଉରକେଲା, ୧୫।୪(ସମିସ):** ରାଜଗାଙ୍ଗପୁର ବିଜେପି ମଣ୍ଡଳ ପକ୍ଷରୁ ନିର୍ବାଚନ ପ୍ରଚାର ବେଳେ ଆଚରଣବିଧି ଉଲ୍ଲଙ୍ଘନ କରାଯାଇଥିବା ଅଭିଯୋଗ ହୋଇଛି। କାଂଶବାହାଲର ବିଲେଇଗଡ଼ କଲ୍ୟାଣ ମଣ୍ଡପରେ ରାଜଗାଙ୍ଗପୁର ବିଜେପି ମଣ୍ଡଳ ପକ୍ଷରୁ ଏକ ଦଳୀୟ କାର୍ଯ୍ୟକ୍ରମ ସହ ନିର୍ବାଚନ ପ୍ରଚାର ନିମନ୍ତେ ବୈଠକ ହେବାକୁ ଥିଲା। ବୈଠକରେ ସୁନ୍ଦରଗଡ଼ ଲୋକସଭା ଆସନରେ ଦଳୀୟ ପ୍ରାର୍ଥୀ ଜୁଏଲ ଓରାମ ଓ ରାଜଗାଙ୍ଗପୁର ବିଧାନସଭା ଆସନ ପ୍ରାର୍ଥୀ ନରସିଂହ ମିଞ୍ଜଙ୍କ ସମେତ ଦଳର ନେତା ଓ କର୍ମୀମାନେ ଯୋଗଦେବା କାର୍ଯ୍ୟକ୍ରମ ଥିଲା। ବୈଠକରେ ଆଗାମୀ ନିର୍ବାଚନକୁ ନେଇ ରଣନୀତି ପ୍ରସ୍ତୁତ କରାଯାଇଥାନ୍ତା। ତେବେ ବୈଠକ ପାଇଁ ବିଲେଇଗଡ଼ରେ ଥିବା ସରକାରୀ କଲ୍ୟାଣମଣ୍ଡପକୁ ଦଳୀୟ ପତାକା ଓ ବ୍ୟାନରରେ ସଜ୍ଜିତ କରାଯାଇଥିଲା। ଉକ୍ତ କଲ୍ୟାଣମଣ୍ଡପ ଏକ ସରକାରୀ କୋଠା ହୋଇଥିବାରୁ ସେଠାରେ କିପରି ଦଳୀୟ କାର୍ଯ୍ୟକ୍ରମ କରାଯିବ ଓ ଏହା ନିର୍ବାଚନ ଆଚରଣବିଧିର ଉଲ୍ଲଙ୍ଘନ ହେଉଛି ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ ପହଞ୍ଚିବା ପରେ ଘଟଣାସ୍ଥଳରେ ଅଧିକାରୀ ଓ ପୁଲିସ ପହଞ୍ଚି କାର୍ଯ୍ୟକ୍ରମକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପରେ ବିଜେପି ନେତାମାନେ ସଭା ନ କରି ଫେରିଯାଇଥିଲେ। ତେବେ ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ନିର୍ବାଚନ ଅଧିକାରୀ ଅଭିମନ୍ୟୁ ମାଝୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

# ମଦ ଚଢ଼ଉ ବେଳେ ପୁଲିସକୁ ଆକ୍ରମଣ

**ରାଉରକେଲା, ୧୫।୪(ସମିସ):** ଢାବାରେ ବେଆଇନ ବିଦେଶୀ ମଦ ବିକ୍ରି ହେଉଥିବା ଖବର ପାଇ ପୁଲିସ ଚଢ଼ଉ କରିଥିଲା। ମାତ୍ର ସେଠାରେ ଓଲଟା ପୁଲିସ ଆକ୍ରମଣର ଶିକାର ହୋଇଥିଲା। ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଆଇଡିସି ଠାରେ ରବିବାର ରାତିରେ ଏହି ଘଟଣା ଘଟିଛି। ପୁଲିସ ଅଭିଯୁକ୍ତ ଢାବା ମାଲିକ ବାପପୁଅଙ୍କୁ ଗିରଫ କରିଛି।

### ଢାବା ମାଲିକ ସମେତ ଦୁଇ ପୁଅ ଗିରଫ

ଶିବପ୍ରସାଦ ମହାନ୍ତିଙ୍କର ଏକ ଢାବା ରହିଛି। ରାତିରେ ପୁଲିସ ସାଦା ପୋଷାକରେ ସେଠାରେ ଚଢ଼ଉ କରିଥିଲା। ସେତେବେଳେ ଶିବପ୍ରସାଦଙ୍କ ଦୁଇପୁଅ ରାକେଶ ମହାନ୍ତି ଓରଫ ରଞ୍ଜିତ ଓ ହରେକୃଷ୍ଣ ମହାନ୍ତି ଓରଫ ବବଲୁ ଢାବାରେ ଥିଲେ। ତେବେ ପୁଲିସ ସାଦା ପୋଷାକରେ ଥିବାରୁ ସେମାନେ ଜାଣିପାରି ନ ଥିଲେ। ଚଢ଼ଉ ବେଳେ ସେମାନେ ପୁଲିସକୁ ଆକ୍ରମଣ କରିଥିଲେ। ଏଥିରେ ଜଣେ କନଷ୍ଟେବଲ ଆହତ ହୋଇଛନ୍ତି। ସୋମବାର ପୁଲିସ ବେଆଇନ ମଦ ବିକ୍ରି ଅଭିଯୋଗରେ ଶିବପ୍ରସାଦ ଓ ପୁଲିସକୁ ଆକ୍ରମଣ ଅଭିଯୋଗରେ ତାଙ୍କ ଦୁଇପୁଅ ରଞ୍ଜିତ, ବବଲୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାସହ ଢାବାରୁ ୫୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପୁଲିସକୁ ଫୋନ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

# କୁଆଁରମୁଣ୍ଡା ପ୍ରିମିୟର୍ ଲିଗ୍ ଆରମ୍ଭ

**କୁଆଁରମୁଣ୍ଡା, ୧୫।୪(ସମିସ):** କୁଆଁରମୁଣ୍ଡା କ୍ରିକେଟ କ୍ଲବ୍ ପକ୍ଷରୁ କୁଆଁରମୁଣ୍ଡା ପ୍ରିମିୟର ଲିଗ୍ ଆରମ୍ଭ ହୋଇଛି। ରବିବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ସୁଷମାକାନ୍ତି କିଣ୍ଡୋ ଓ ସମାଜସେବୀ ଅର୍ଜନ ମିଞ୍ଜ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ। ଏମଡି ହୁସେନ୍, ଏମଡି ସନା, ସୁନାଧର ସେଠ୍, ଏମଡି ସମୀର, ସୁଦର୍ଶନ ଚଇନି, ସୁଶାନ୍ତ ପଟେଲ, ସଲିଲ ରଞ୍ଜନ ପଟେଲ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରୁଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ୮ ଦଳ ଭାଗ ନେଇଛନ୍ତି।

# ସମସ୍ୟା ଘେରରେ ବାଞ୍ଜିକୁସୁମ ଗାଁ





**ବଣାଇଁ, ୧୫।୪(ସମିସ)**

ଗାଁର ବିକାଶରୁ ହିଁ ରାଜ୍ୟର ବିକାଶ ସମ୍ଭବ ହୋଇଥାଏ। ତେବେ ସ୍ଥାନୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଏବେ ବି କିଛି ଗାଁରେ ବର୍ଷ ବର୍ଷ ଧରି ମୌଳିକ ସୁବିଧା ପହଞ୍ଚି ପାରିନାହିଁ। ଏମିତି ଏକ ଗାଁ ହେଉଛି ବଣାଇଁ ସହରଠାରୁ ମାତ୍ର ୮ କିଲୋମିଟର ଦୂର ଗୋଗୁଆ ପଞ୍ଚାୟତର ବାଞ୍ଜିକୁସୁମ। ୫୦ରୁ ଊର୍ଦ୍ଧ୍ୱ ପରିବାର ଏହି ଗାଁରେ ବାସ କରୁଥିବା ବେଳେ ଆଜିପର୍ଯ୍ୟନ୍ତ ସରକାରଙ୍କ କୌଣସି ଯୋଜନା ଠିକ୍ ଭାବରେ ଏଠାରେ ପହଞ୍ଚି ପାରିନାହିଁ। ଫଳରେ ଉପଯୁକ୍ତ ସୁବିଧା ସୁଯୋଗ ପାଇପାରି ନାହାନ୍ତି ଏହି ଗାଁ ଲୋକେ। ମୁଖ୍ୟତଃ ଭଲ ରାସ୍ତାଟିଏ ନ ଥିବାରୁ ଗାଁକୁ ବିକାଶର ରାସ୍ତା ବନ୍ଦ ହୋଇଯାଇଛି। ଏହି ଗାଁଠାରୁ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତା ଅଧା କଂକ୍ରିଟ ହୋଇଥିବା ବେଳେ ବାକି ମାଟି ରାସ୍ତା ଭାବେ ପଡ଼ିରହିଛି। ଫଳରେ ଟିକିଏ ବର୍ଷା ହେଲେ ସେହି ରାସ୍ତା ଦେଇ ଯିବାଆସିବା କରିବାରେ ଅନେକ ଅସୁବିଧା ହେଉଛି। ରୋଗୀକୁ ଡାକ୍ତରଖାନା ନେଇଯିବାକୁ ହେଲେ ବର୍ଷାଦିନେ ଆମ୍ବୁଲାନ୍ସ ଯିବା କଷ୍ଟକର ହୋଇପଡୁଛି। ଛାତ୍ରଛାତ୍ରୀ ସ୍କୁଲ ଯିବା ଆସିବାରେ ସମାନ ଅବସ୍ଥା ଭୋଗୁଛନ୍ତି। ବିଶୁଦ୍ଧ ପାନୀୟ ଜଳ କଥା ନ କହିବା ଭଲ। ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଆର୍‌ଡବ୍ଲ୍ୟୁଏସ୍ ପାନୀୟ ଜଳ ପାଇଁ



ଘର ନିର୍ମାଣ କରାଯାଇଥିଲା ମଧ୍ୟ ଆଜିପର୍ଯ୍ୟନ୍ତ ମେସିନ ସ୍ଥାପନ ହୋଇନାହିଁ। ଫଳରେ ଲୋକେ ନଳକୂପ ଖରାପ ହେଲେ ଚୁଆ, ନାଳ ପାଣି ଉପରେ ନିର୍ଭର କରୁଛନ୍ତି। ଆଲୋକୀକରଣ କଥା ମଧ୍ୟ ତଦ୍ରୂପ। ଗାଁ ମଝିରେ ନାମକୁ ମାତ୍ର ହାଇମାଷ୍ଟ ଲାଇଟଟିଏ ଲାଗିଥିଲେ ମଧ୍ୟ ବର୍ଷକୁ ଆଠମାସ ଅଚଳ ଅବସ୍ଥାରେ ପଡ଼ିରହୁଛି। ଫଳରେ ଅନ୍ଧାରରେ ଲୋକେ ଯିବାଆସିବା କରିବାରେ ଅନେକ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ତେବେ କେବଳ ନିର୍ବାଚନ ସମୟରେ ନେତାମାନେ ଗାଁ ମୁହାଁ ହେଉଛନ୍ତି ସତ ହେଲେ ଗାଁର ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ସମାଧାନ କରିବାକୁ ଆଗଭର ହେଉ ନ ଥିବାରୁ ଏଥର ନିର୍ବାଚନରେ ନେତାମାନଙ୍କୁ କଡ଼ା ଜବାବ ଦେବେ ବୋଲି ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଗ୍ରାମବାସୀ।

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଶରତ କୁମାର ମହାନ୍ତି
ବିଣାଦଣ୍ଡା, ବାସୁଦେବପୁର, ଭଦ୍ରକ
ଆବିର୍ଭାବ : ୨୫.୦୧.୧୯୫୯, ତିରୋଧାନ : ୧୬.୦୪.୨୦୧୬
ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା
ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

# ଲିବର୍ଟି କାରଖାନାରେ ଦୁର୍ଘଟଣା: ହାଇୱା ଚାଳକ ମୃତ

## ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି

**କୁଆଁରମୁଣ୍ଡା, ୧୫ ।୪(ସମିସ):** କୁଆଁରମୁଣ୍ଡା ନିକଟ ଚାର୍ଡି ହରିହରପୁରସ୍ଥିତ ଲିବର୍ଟି ଷ୍ଟିଲ୍ ପ୍ଲାଣ୍ଟ (ଆଧୁନିକ ମେଟାଲିକ) କାରଖାନାରେ ରବିବାର ରାତିରେ ଦୁର୍ଘଟଣା ଘଟି ଜଣେ ହାଇୱା ଚାଳକଙ୍କ ମୃତ୍ୟୁ ଘଟିଛି। ବିଦ୍ୟୁତ୍ ଆଘାତରେ ତାଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଏହି ଦୁର୍ଘଟଣା ପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ପରିବାର ଲୋକେ ମୃତଦେହ ଉଠାଇବାକୁ ରୋକ୍‌ଠୋକ୍ ମନା କରିଥିଲେ। ତେବେ କ୍ଷତିପୂରଣ ବାବଦ ୧୦ ଲକ୍ଷ ଟଙ୍କା ପ୍ରଦାନ ପାଇଁ ପ୍ରତିଶ୍ରୁତି ଓ ଦାହସଂସ୍କାର ପାଇଁ ୫୦ ହଜାର ଟଙ୍କାର ଚେକ୍ ମିଳିବା ପରେ ମୃତଦେହ ଉଠାଇଥିଲେ। ସୂଚନା ଅନୁସାରେ ରବିବାର ରାତି ୭ଟା ବେଳେ କାରଖାନା ପରିସରରେ ହାଇୱା ଚାଳକ ମାଇକେଲ୍ ଟେଟେ (୩୦) କାମ କରୁଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ।



ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ମୃତ ଚାଳକଙ୍କ ଘର କୁଆଁରମୁଣ୍ଡା ବ୍ଲକ ପୁଟୁରିଖିମଣ ଗିରିଜାଟୋଲା ବସ୍ତିରେ। ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ପରିବାର ଲୋକେ ମୃତଦେହ ଉଠାଇ ନ ଥିଲେ। ସୋମବାର କୁଆଁରମୁଣ୍ଡା ଫାଣ୍ଡି ପରିସରରେ ବୀରମିତ୍ରପୁର ଏସଡିପିଓ ସୁଶାନ୍ତ କୁମାର ଦାଶ, କାରଖାନାର ଅଧିକାରୀ, ଠିକାସଂସ୍ଥାର ଅଧିକାରୀ, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା, ଜିଲ୍ଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ପୁଟୁରିଖିମଣ ସରପଞ୍ଚ, କୁଆଁରମୁଣ୍ଡା ନାଗରିକ କମିଟି ଆବାହକ ରାଜେଶ କେରକେଟାଙ୍କ ସମେତ ମାଇକେଲଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଆଲୋଚନା ହୋଇ ସମାଧାନ ହୋଇଥିଲା। ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ପରିବାରର ଜଣଙ୍କୁ ଚାକିରି ଦେବା ପାଇଁ କାରଖାନା ତଥା ଠିକା ସଂସ୍ଥା ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ମୃତଦେହ ଉଠିଥିଲା।

## ବିଜୁ ମହିଳା ସମିତିର ପଣା ବଣ୍ଟନ



**ରାଉରକେଲା, ୧୫ ।୪(ସମିସ):** ଛେଣ୍ଡ କଲୋନୀ ଚିନ୍ମୟ ଛକ ନିକଟରେ ପ୍ରତିବର୍ଷ ପରି ଚଳିତ ବର୍ଷ ମହାବୀର ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ବିଜୁ ମହିଳା ସମିତି ତରଫରୁ ଆବାହକ ରଶ୍ମିବାଳା ମିଶ୍ର ଏବଂ ସଭାପତି ତାରିଣୀ ସେଠୀଙ୍କ ନେତୃତ୍ୱରେ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରୀତାରଣୀ ମିଶ୍ର, ମଞ୍ଜିତ କୌର, ସାବିତ୍ରୀ ବେହେରା, କମଳା ପରିଡ଼ା, ଲକ୍ଷ୍ମୀପ୍ରିୟା ରଥ, ସୁଷମା ମିଶ୍ର, କବିତା ବେହେରା, ଅଞ୍ଜଳି ମିଶ୍ର, କବିତା ରଥ, ରାଜଲକ୍ଷ୍ମୀ ସାହୁ, ମନୋରମା ବେଜ, କବିତା ମାଝୀ, ଅନ୍ନପୂର୍ଣ୍ଣା ମହାପାତ୍ର, ରଶ୍ମିତା ସ୍ୱାଇଁ, ବବିତା ପତି, ଦୀପା ରାଉତ, ପ୍ରତିମା ନାୟକ, ଲତା ଦାସ, ଜୟନ୍ତୀ ପତି, ତିଳୋତ୍ତମା ସାହୁ, ସବିତା ମଲ୍ଲିକ, କନକ ସ୍ୱାଇଁ, କଲ୍ୟାଣୀ ବିଶ୍ୱାଳ, ପୁଷ୍ପଲତା ଜେନା, କ୍ରୀଷ୍ଣା ପାତ୍ର ସମେତ ବହୁ କର୍ମକର୍ତ୍ତା ସହଯୋଗ କରିଥିଲେ।

## ନବଜାଗରଣ ଏସ୍‌ଏଚ୍‌ଜି ପକ୍ଷରୁ ପଣା ସଂକ୍ରାନ୍ତି

**ରାଉରକେଲା, ୧୫ ।୪(ସମିସ):** ଦକ୍ଷିଣ ରାଉରକେଲା ଉପର ବାଲିଯୋଡ଼ିସ୍ଥିତ ଲକ୍ଷ୍ମୀନାରାୟଣ ନଗର ଗ୍ରାମ୍ୟ କମିଟି ଓ ନବଜାଗରଣ ସ୍ୱୟଂ ସହାୟକ ଗୋଷ୍ଠୀ ମିଳିତ ଆନୁକୂଲ୍ୟରେ ରବିବାର ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଛି। ଏହି ଅବସରରେ ପଣା ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ଉତ୍ସବରେ ପୂର୍ବତନ ପୁଲିସ ଅଧିକାରୀ ରାଜକିଶୋର ଜେନା, ସୃଜନୀ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ର ବେହୁରିଆ, ବିନୋଦ ପଟ୍ଟନାୟକ, ଦିଲୀପ ତନ୍ତୀ, ସନାତନ ବେହେରା, ବିଜୟା ସାହୁ, ପ୍ରଭାସିନୀ ପଟ୍ଟନାୟକ, ଆଶାଲତା ଚୌଧୁରୀ, ସ୍ନିଗ୍ଧାରାଣୀ ରାଉତ, ସୁନନ୍ଦା ମିଶ୍ର, ଗୀତା ବେହେରା, ସୁଜାତା ନନ୍ଦିନୀ ତନ୍ତୀ, ବାସନ୍ତୀ ଗୋଛାୟତ ଓ ସମାଜସେବୀ ନମିତା ବେହେରା ପ୍ରମୁଖ ଉପସ୍ଥିତ ରହି ପଣା ବଣ୍ଟନ କରିଥିଲେ। ଲକ୍ଷ୍ମୀନାରାୟଣ ନଗରର ଶତାଧିକ ଲୋକ ଏକତ୍ରିତ ହୋଇ ଓଡ଼ିଆ ନବବର୍ଷ ପାଳନ କରିବା ସହ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ।

## ସିଂହଭୂମ ସାଂସ୍କୃତିକ ପରିଷଦ ପକ୍ଷରୁ ଓଡ଼ିଆ ନବବର୍ଷ

**ରାଉରକେଲା, ୧୫ ।୪(ସମିସ):** ସିଂହଭୂମ ସାଂସ୍କୃତିକ ପରିଷଦ ପକ୍ଷରୁ ଓଡ଼ିଆ ନବବର୍ଷ, ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଛି। ଏହି ଅବସରରେ ସୁସ୍ୱାଦୁ ପଣା ବଣ୍ଟନ କରାଯାଇଥିଲା। ପରିଷଦ ସଭାପତି ସୁଜୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପରିଷଦର ମୁଖ୍ୟ ପୃଷ୍ଠପୋଷକ ଓ ଚିକିତ୍ସକ ଡା. ପଙ୍କଜ କୁମାର ନନ୍ଦ, ସାଧାରଣ ସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ପାହାଡ଼ୀ ପ୍ରମୁଖ ପରିଚାଳନା କରିଥିଲେ। ଅତିଥି ଭାବେ ଶିକ୍ଷାବିତ୍ ଡ. ପ୍ରଦୀପ କୁମାର ନନ୍ଦ ଯୋଗଦେଇ ପଣା ବଣ୍ଟନ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ପଣା ବଣ୍ଟନ କରିଥିଲେ। ପରିଷଦର ବରିଷ୍ଠ ସଦସ୍ୟ ରାମ ବିନୋଦ ମିଶ୍ର ଓ ଭାସ୍କର ନନ୍ଦ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସାଧାରଣ ସମ୍ପାଦକ ପାହାଡୀ ଓଡ଼ିଆ ନବବର୍ଷ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ସୁଖ ସମୃଦ୍ଧି କାମନା କରିଥିଲେ। ବିବେକାନନ୍ଦ କର, ସୁବୋଧ କୁମାର ମିଶ୍ର, ସନ୍ତୋଷ କୁମାର ନନ୍ଦ ଓ ଅଶୋକ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପଣା ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପରିଷଦର ଉପଦେଷ୍ଟା ଜଗନ୍ନାଥ ପ୍ରସାଦ ନାୟକ, ଉପସଭାପତି ରୁଦ୍ରଦତ୍ତ ଶତପଥୀ, ଚନ୍ଦ୍ରଶେଖର ଶତପଥୀ, କଳ୍ପନା ଶତପଥୀ, ବିବେକାନନ୍ଦ କର, ସୁବୋଧ କୁମାର ମିଶ୍ର, ସନ୍ତୋଷ କୁମାର ନନ୍ଦ, ରାମବିନୋଦ ମିଶ୍ର, ଅଶୋକ କୁମାର ମହାନ୍ତି, ସୌରଭ ଆଚାର୍ଯ୍ୟ, ଅଶୋକ କୁମାର ରଥ, ଆଦିତ୍ୟ ଷଡ଼ଙ୍ଗୀ, ଅନିରୁଦ୍ଧ ଆଚାର୍ଯ୍ୟ, ପ୍ରଜାପତି ଷଡ଼ଙ୍ଗୀ, ରମେନ୍ଦ୍ର ପଟ୍ଟନାୟକ, ଦୀପକ କୁମାର ଷଡ଼ଙ୍ଗୀ, ପ୍ରମୋଦ କୁମାର ଷଡ଼ଙ୍ଗୀ, ଦେବରଞ୍ଜନ ପାଣି, ରବି ଆଚାର୍ଯ୍ୟ, ସିଦ୍ଧାର୍ଥ କୁମାର ପତି, ତପନ ଆଚାର୍ଯ୍ୟ, ଦେବପ୍ରସାଦ ମହାପାତ୍ର, ବରୋଦା ପ୍ରସାଦ ଦାସ, ସଦାନନ୍ଦ ଆଚାର୍ଯ୍ୟ, ସୁକୁମାର ମଣ୍ଡଳ, ତପନ କୁମାର ପତି, ଉତ୍ପଳ ବରଣ କର, ରାଘବ ଚନ୍ଦ୍ର ପତି, ପ୍ରବୀର କୁମାର ଦୁବେ, କାମାକ୍ଷା ନାରାୟଣ ଚୌବେ, ପିସି ପଣ୍ଡା, ଭବାନୀ କବି, ଯଶୋବନ୍ତ ନନ୍ଦଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷାବିତ, ବଜାର କମିଟି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ମା’ ତାରିଣୀ ଶାନ୍ତି କମିଟି ପକ୍ଷରୁ ବିଷୁବ ସଂକ୍ରାନ୍ତି ପାଳିତ

**ରାଉରକେଲା, ୧୫ ।୪(ସମିସ):** ସ୍ଥାନୀୟ ଡିଏଭି ଛକସ୍ଥିତ ତାରିଣୀ ମନ୍ଦିର ପ୍ରାଙ୍ଗଣରେ ମା’ ତାରିଣୀ ଶାନ୍ତି କମିଟି ପକ୍ଷରୁ ବିଷୁବ ସଂକ୍ରାନ୍ତି ପାଳିତ ହୋଇଛି। ଏହି ଅବସରରେ ଲୋକଙ୍କୁ ପଣା ବଣ୍ଟନ କରାଯାଇଥିଲା। ଏଥିରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଅତିଥି ଭାବେ ଯୋଗଦେଇଥିଲେ। କହରା ଜେନା ଅଧ୍ୟକ୍ଷତା କରିଥିବା ବେଳେ ଭଞ୍ଜ ସିଂ, ସୁବାସ ନାୟକ, ସୁକାନ୍ତ ସ୍ୱାଇଁ, ଗଙ୍ଗା ଜେନା, ଜ୍ୟୋତ୍ସ୍ନା ନାୟକ, ସୁନନ୍ଦା ସେନାପତି, ଅମିୟ ପୋଥାଳ ପ୍ରମୁଖ ସହଯୋଗ କରିଥିଲେ।

## ମହାରାଷ୍ଟ୍ରର ଟ୍ରକ ଖଲାସୀ ନିଖୋଜ

**ରାଉରକେଲା, ୧୫ ।୪(ସମିସ):** ମହାରାଷ୍ଟ୍ରରୁ ରାଉରକେଲା ଇସ୍ପାତ କାରଖାନାକୁ ସାମଗ୍ରୀ ନେବାକୁ ଆସିଥିବା ଏକ ଟ୍ରକର ଖଲାସୀ ରବିବାରଠାରୁ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ମହାରାଷ୍ଟ୍ର ନାଗପୁର ଅଞ୍ଚଳର ସୋନୁ ଜଗୁ ଯାଦବ (୨୬)। ତାଙ୍କ ସହ କୌଣସି ଯୋଗାଯୋଗ ସମ୍ଭବ ହେଉ ନ ଥିବାରୁ ପରିବାର ପକ୍ଷରୁ ସୋମବାର ଟାଙ୍ଗରପାଲ୍ଲୀ ଥାନାରେ ନିଖୋଜ ଅଭିଯୋଗ କରାଯାଇଛି।

## କଳାକେନ୍ଦ୍ର ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ



**ରାଉରକେଲା, ୧୫ ।୪(ସମିସ):** କଳାକେନ୍ଦ୍ର ପକ୍ଷରୁ ଓଡ଼ିଆ ନବବର୍ଷ, ବିଷୁବ ସଂକ୍ରାନ୍ତି, ଆମ୍ବେଦକର ଜୟନ୍ତୀ ଓ ବିଶ୍ୱ କଳା ଦିବସ ପାଳିତ ହୋଇଛି। ଏହି ଅବସରରେ ପଣା ବଣ୍ଟନ କରାଯିବା ସହ ଏକ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରକାରର ୧୦ଟି ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ଏଥିରେ ୱାଇଏମ୍‌ଏଫ୍‌ଆଇ ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ଓ କେନ୍ଦ୍ର ଅଧ୍ୟକ୍ଷ ଦେବେନ୍ଦ୍ର ମହାରଣା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଚିତ୍ରକଳା ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ବାସନ୍ତୀ ମହାରଣା, ଲଭଲି ଘୋଷ, କେ ବିଜୟ ଭାସ୍କର, ସୁପ୍ରିୟା କିଷାନ, ସବିତା ବାସା, ଦେବସ୍ମିତା ବେହେରା, ରଶ୍ମିରେଖା ବିଶ୍ୱାଳ, ପ୍ରିୟା ଦାସ, ଅଙ୍କିତା ସେନାପତି, ମାଧୁରୀ ପ୍ରଧାନ, ପ୍ରାଚୀ, ଉଷାରାଣୀ ଶତପଥୀ ଓ ପ୍ରିୟାକୁମାରୀ ରାମ ପ୍ରମୁଖ ଭାଗ ନେଇଥିଲେ। କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## କୋଇଡ଼ା ପ୍ରେସ କ୍ଲବ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ



**କୋଇଡ଼ା, ୧୫ ।୪(ସମିସ):** କୋଇଡ଼ା ପ୍ରେସ କ୍ଲବ ତରଫରୁ କୋଇଡ଼ା ମୁଖ୍ୟ ମାର୍କେଟ କମ୍ପ୍ଲେକ୍ସରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ପାଳନ ଅବସରରେ ଜଳଛତ୍ର ଶୁଭାରମ୍ଭ କରାଯାଇଛି। କ୍ଲବ ସଭାପତି ସଂଗ୍ରାମ କେଶରୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲୋକଙ୍କୁ ପଣା ବଣ୍ଟନ କରାଯାଇଥିଲା। କୋଇଡ଼ା ବିଡିଓ ରଶ୍ମିରେଖା ପାତ୍ର, ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର, କେନ୍ଦୁଝର ଜିଲ୍ଲା ବିଜେଡି ଉପସଭାପତି କୁଶ ଆପଟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଦହିପଣା ବଣ୍ଟନ କରିଥିଲେ।

# ଆଇଜିଏଚ୍‌ର ନୂତନ ମୁଖ୍ୟ ଫାଟକ ଉଦ୍‌ଘାଟିତ

**ରାଉରକେଲା, ୧୫ ।୪(ସମିସ):**

ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ର ବିଶାଳ ନୂତନ ମୁଖ୍ୟ ଫାଟକକୁ ରବିବାର ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡା. ବିକେ ହୋତା ଉଦ୍‌ଘାଟନ କରିଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ସିଏମଓ ଡା. ଏନପି ସାହୁ, ଡା. ପିକେ ମହାପାତ୍ର ଓ ଡା. ଜେକେ ଆଚାର୍ଯ୍ୟ, କାର୍ମିକ ଓ ପ୍ରଶାସନ ତଥା ସହରସେବା ବିଭାଗ ଜିଏମ ଇନ ଚାର୍ଜ ପିକେ ଦାସ, ଆଇଜିଏଚର ବହୁ ଅନ୍ୟ ଡା. ଓ କର୍ମଚାରୀ, କାରଖାନାର ବରିଷ୍ଠ ଅଧିକାରୀ ତଥା ପଣଧାରୀମାନେ ଉପସ୍ଥିତ ଥିଲେ। ଏହି ନୂତନ ଫାଟକ ହସ୍ପିଟାଲର ସୌନ୍ଦର୍ଯ୍ୟ ଏବଂ କାର୍ଯ୍ୟକାରିତାରେ ଉନ୍ନତି ଆଣିବ ବୋଲି କୁହାଯାଇଛି।






ନୂତନ ପ୍ରବେଶ ଦ୍ୱାର ନା କେବଳ ହସ୍ପିଟାଲର ସାମଗ୍ରିକ ରୂପକୁ ଉନ୍ନତ କରିବା ପାଇଁ ନିର୍ମିତ ହୋଇଛି ବରଂ ରୋଗୀ, ପରିଦର୍ଶକ ଏବଂ କର୍ମଚାରୀଙ୍କ ପାଇଁ ଏକ ଉନ୍ନତ ପରିବେଶ ଯୋଗାଇବା ପାଇଁ ମଧ ଏହା ଡିଜାଇନ୍ କରାଯାଇଛି। ସମସ୍ତ ପଣଧାରୀଙ୍କ ପାଇଁ ଏକ ସ୍ୱାଗତଯୋଗ୍ୟ ଏବଂ ଆରାମଦାୟକ ପରିବେଶ ଯୋଗାଇବା ପାଇଁ ହସ୍ପିଟାଲର ପ୍ରତିବଦ୍ଧତା ସହିତ ଏହାର ବିକାଶ କରାଯାଇଛି। ଅଗ୍ନିଶମ ଯାନ ଭଳି ଜରୁରୀକାଳୀନ ସେବାର ସହଜ ପ୍ରବେଶକୁ ସୁଗମ କରିବା ପାଇଁ ଡିଜାଇନ୍ ନୂତନ ପ୍ରବେଶ ଦ୍ୱାରର ଅନ୍ୟତମ ମୁଖ୍ୟ ବୈଶିଷ୍ଟ୍ୟ ମଧ୍ୟରେ ରହିଛି। ଏହାର ଡିଜାଇନ ଡାକ୍ତରଖାନାକୁ ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ଶୀଘ୍ର ଏବଂ ପ୍ରଭାବଶାଳୀ ଭାବରେ ପଦକ୍ଷେପ ଗ୍ରହଣ ତଥା ପରିସରରେ ସମସ୍ତଙ୍କ ସୁରକ୍ଷା ଏବଂ ସୁସ୍ଥତା ପାଇଁ ଏହାର କ୍ଷମତାକୁ ବିସ୍ତାର କରିବା ପାଇଁ ସହାୟକ ହେବ ବୋଲି କୁହାଯାଇଛି।

## ସୃଜନୀ ସାହିତ୍ୟ ସଂସଦ ପକ୍ଷରୁ ନବବର୍ଷ ପାଳିତ

**ରାଉରକେଲା, ୧୫ ।୪(ସମିସ):** ସୃଜନୀ ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଆ ନବବର୍ଷ ପାଳିତ ହୋଇଛି। ଏଥିରେ ସଚିନ୍ଦ୍ର କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ରବୀନ୍ଦ୍ର ବେହୁରିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ଭାବେ ଆଦିତ୍ୟ କୁମାର ଷଡ଼ଙ୍ଗୀ, ଲକ୍ଷ୍ମୀଧର ସ୍ୱାଇଁ, ଦୈତାରୀ ରାଉତ ଯୋଗଦେଇଥିଲେ। ବେଣୁଧର ମଲ୍ଲ, ରାଜକିଶୋର ଜେନା, ସନାତନ ବେହେରା, ଅଶୋକ ସାମଲ, ଅରବିନ୍ଦ ସ୍ୱାଇଁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ହରପ୍ରିୟା ସାମଲଙ୍କ ସଂଯୋଜନାରେ କବିତା ପାଠ କରାଯାଇଥିଲା। ଜାନକୀ ସାହୁ, ଲକ୍ଷ୍ମୀ ପଣ୍ଡା, ନମିତା ବେହେରା, ମିରାମ ମଲ୍ଲିକ, ଆର୍ତ୍ତବନ୍ଧୁ ଦାସ, ନାଗମଣି ମହାନ୍ତି କବିତା ପାଠ କରିଥିଲେ। ଅପର୍ଣ୍ଣା ଦାସ, ଜଗବନ୍ଧୁ ମହାନ୍ତି, ରବୀନ୍ଦ୍ର ଜେନା, ରବୀନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଭୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ବୈଶାଖୀ ସାହିତ୍ୟ ସଂସଦ ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

**ରାଉରକେଲା, ୧୫ ।୪(ସମିସ):** ସହରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବୈଶାଖୀ ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସ ପାଳନ ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପଣା ବଣ୍ଟନ କରାଯାଇଥିଲା। ସଂସଦ ସାଧାରଣ ସମ୍ପାଦକ ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂସଦର ଆଗାମୀ ବାର୍ଷିକ ଉତ୍ସବ ବିଷୟରେ ଆଲୋଚନା କରାଯାଇଥିଲା। ସଂସଦର ସାଂଗଠନିକ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା ପାଇଁ କବି ସୁଶାନ୍ତ କୁମାର ନାୟକଙ୍କୁ କାର୍ଯ୍ୟକାରୀ ସଭାପତି, ସୁକାନ୍ତି ଦାସଙ୍କୁ ସହ ସମ୍ପାଦକ ଓ ମଳୟ ସାହୁଙ୍କୁ ପ୍ରଚାର ପ୍ରସାର ସମ୍ପାଦକ ଭବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାବିତ ଭବେଶ ସାହୁ, ଉମାଶଙ୍କର ତିୱାରୀ, ରେବତୀ ବଲ୍ଲଭ ବେହେରା, ଚନ୍ଦନ ସୁତାର, ସଂଗ୍ରାମ ସାମଲ, ସୁନୀଲ ସ୍ୱାଇଁ, ଜୟନ୍ତୀବାଳା ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦେବବ୍ରତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



# ବ୍ରହ୍ମାକୁମାରୀ ପାଠଶାଳାର ଦ୍ୱିତୀୟ ବାର୍ଷିକୋତ୍ସବ



**ସୁନ୍ଦରଗଡ଼, ୧୫ ।୪(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ ଅମସରଙ୍ଗା ଗ୍ରାମସ୍ଥିତ ବ୍ରହ୍ମାକୁମାରୀ ପାଠଶାଳାର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସଂସ୍ଥାର ସୁନ୍ଦରଗଡ଼ ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ଜ୍ୟୋତ୍ସ୍ନା ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦଘାଟନ କରିଥିଲେ। ସକାରାତ୍ମକ ଚିନ୍ତନ ଦ୍ୱାରା ଜୀବନରେ ପରିବର୍ତ୍ତନ ସମ୍ଭବ ଏବଂ ବାଣୀରେ ମଧୁରତା, ଦୃଷ୍ଟିରେ ପବିତ୍ରତା ଓ କର୍ମରେ ଶ୍ରେଷ୍ଠତା ସହନଶୀଳତା ଗୁଣକୁ ଧାରଣ କଲେ ମନୁଷ୍ୟ ଜୀବନ ଦେବତା ସମାନ ଗଢ଼ିଉଠିବ ବୋଲି ସେ କହିଥିଲେ। ବ୍ରହ୍ମାକୁମାର ବାଣେଶ୍ୱର ସୁବୁଦ୍ଧି ସଂସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଗ୍ରାମ୍ୟ ମୁଖ୍ୟ ପରେଶ ଚନ୍ଦ୍ର ନାୟକ, ମଝାପଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦୀପକ ଗୋଖରା ଏବଂ ଆନନ୍ଦ ମାର୍ଗର ଦେବ ମାଳିକା ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ସମସ୍ତେ ଆଧ୍ୟାତ୍ମିକ ମାର୍ଗକୁ ଯିବା ଆବଶ୍ୟକ ବୋଲି କହିଥିଲେ। ରାଉରକେଲା ଛେଣ୍ଡ କଲୋନୀ ସଞ୍ଚାଳିକା ବ୍ରହ୍ମାକୁମାରୀ ସୀମା ଗୀତା ଜ୍ଞାନଯଜ୍ଞରେ ସମସ୍ତେ ଆହୁତି ଦେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ରାଉରକେଲାର ବ୍ରହ୍ମାକୁମାରୀ ବବି ଭଉଣୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ବ୍ରହ୍ମାକୁମାରୀ ମୌସମ ଭଉଣୀ ଧନ୍ୟବାଦ ଦେଇଥିଲେ। ବ୍ରହ୍ମାକୁମାରୀ ଜ୍ୟୋତ୍ସ୍ନାରାଣୀ ଏବଂ ବ୍ରହ୍ମାକୁମାର ବିକାଶ ହେମ୍ବ୍ରମ ସମସ୍ତ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ବ୍ରହ୍ମାକୁମାରୀ ପ୍ରତିମା, ନିରୁପମା, ବିଶାଖା, କୁନ୍ତଳା ଏବଂ ବ୍ରହ୍ମାକୁମାର ପଙ୍କଜ ପଟେଲ, ପଦ୍ମନ ନାୟକ, ଡିଲେଶ୍ୱର ପ୍ରଧାନ, ଖଗେଶ୍ୱର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବନ୍ଧୁକ ମୁନରେ ଡକାୟତି; ୫ ଗିରଫ





**ସୁନ୍ଦରଗଡ଼, ୧୫ ।୪(ସମିସ)**

ରବିବାର ରାତିରେ କିଞ୍ଜିରକେଲା ଥାନା ଅନ୍ତର୍ଗତ କୁଲବା ଗ୍ରାମର ଭବାନୀ ଶଙ୍କର ପଟେଲଙ୍କ ଘରେ ସଂଘଟିତ ସଶସ୍ତ୍ର ଡକାୟତି ମାମଲାରେ ପୁଲିସକୁ ତତ୍କାଳ ସଫଳତା ମିଳିଛି। ଘଟଣା ପରେ ସୁନ୍ଦରଗଡ଼ ଏସପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ତୁରନ୍ତ ବିଭିନ୍ନ ରାସ୍ତା ସିଲ୍ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ପୁଟିବନ୍ଧ ଅମରିପଡ଼ାର ଶରତ ନାଏକ (୪୦), ସୁନ୍ଦରଗଡ଼ ଟାଉନ ଥାନା ଶଙ୍କରା ପଣସପଡ଼ାର ରାଜା ଶର୍ମା ଓରଫ ଠାକୁର (୨୬), କିଞ୍ଜିରକେଲା ଥାନା କୁଲବା ଗ୍ରାମର ବିଜୟ କୁମାର ଦେହୁରିଆ (୨୯), ଧରୁଆଡିହି ଥାନା ଅମସରଙ୍ଗା ଗ୍ରାମର ସୁଜନ ପ୍ରଧାନ (୨୭) ଓ ମୟୂରଭଞ୍ଜ

**● ମାରଣାସ୍ତ୍ର ଜବତ**

ଜିଲ୍ଲା ସୁଲିଆପଦା ଥାନା ଚିତାଖଣ୍ଡା ଗ୍ରାମର ଦାଶରଥି ଟୁଡୁ (୨୭)। ଏମାନଙ୍କଠାରୁ ପୁଲିସ ୩ଟି ପିସ୍ତଲ, ଗୋଟିଏ ଛୁରୀ, ୩ଟି ବାଇକ, ୭ଟି ମୋବାଇଲ ଫୋନ ଓ ୪ଟି ହେଲମେଟ ଜବତ କରିଛି। ବିଜୟ ଏହି ଡକାୟତି ଘଟଣାର ଷଡ଼ଯନ୍ତ୍ର ରଚନା କରିଥିଲେ ବୋଲି ସୋମବାର ଅପରାହ୍ନରେ ସ୍ଥାନୀୟ ଟାଉନ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଦର ଏସଡିପିଓ ହିମାଂଶୁ ଭୂଷଣ ବେହେରା ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଅନେକ ହତ୍ୟା ଏବଂ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ପୁଲିସ ତଦନ୍ତରୁ ଜଣାପଡ଼ିଥିବା ବେଳେ ଅନ୍ୟ ଅପରାଧିକ ମାମଲାରେ ତାଙ୍କ ସମ୍ପୃକ୍ତି ନେଇ ଯାଞ୍ଚ ଚାଲିଥିବା ଏସଡିପିଓ ବେହେରା କହିଛନ୍ତି। ସନ୍ଧ୍ୟାରେ ସମସ୍ତ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସୁନ୍ଦରଗଡ଼ ଜେଲ ପଠାଇ ଦିଆଯାଇଛି। ତେବେ ଅନ୍ୟ ଜଣେ ଅଭିଯୁକ୍ତ ବିଶାଲ କର ଘଟଣାସ୍ଥଳରୁ କୌଶଳ କ୍ରମେ ଫେରାର ହୋଇଯାଇଛନ୍ତି। ରବିବାର ବିଳମ୍ବିତ ରାତିରେ ୨ ବାଇକରେ ହେଲମେଟ ପିନ୍ଧିଥିବା ୫ ଦୁର୍ବୃତ୍ତ ବିଭିନ୍ନ ମାରଣାସ୍ତ୍ରରେ ସଜ୍ଜିତ ହୋଇ ଭବାନୀଙ୍କ ଘରେ ପଶିଥିଲେ। ସେମାନେ ପରିବାର ଲୋକଙ୍କୁ ବନ୍ଧୁକ ମୁନରେ ଭୟଭୀତ କରି ଗୋଟିଏ ସୁନା ମଙ୍ଗଳସୂତ୍ର ନେଇଯାଇଥିଲେ। ଖବର ପାଇ ପୁଲିସ ତ୍ୱରିତ ପଦକ୍ଷେପ ଗ୍ରହଣ କରି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏପରି ପଦକ୍ଷେପ ଏବଂ ସଫଳତା ଯୋଗୁଁ ପୁଲିସ ଅଞ୍ଚଳବାସୀଙ୍କ ଆସ୍ଥାଭାଜନ ହୋଇପାରିଛି।

# ଅକୁପେସନାଲ ଥେରାପିଷ୍ଟ ପକ୍ଷରୁ ଅଟିଜିମ୍ ଚିକିତ୍ସା

**ରାଉରକେଲା, ୧୫ ।୪(ସମିସ):** ଅଖିଳ ଭାରତ ଅକୁପେସନାଲ ଥେରାପିଷ୍ଟ ଓଡ଼ିଶା ଶାଖା ପକ୍ଷରୁ ଅଟିଜିମ୍ ଗ୍ରହଣୀୟ ମାସ ପାଳନ ଅବସରରେ ସ୍ଥାନୀୟ ଛେଣ୍ଡସ୍ଥିତ ଉମିଦ୍ ଥଇଥାନ କେନ୍ଦ୍ରରେ ନିଃଶୁଳ୍କ ଅଟିଜିମ୍ ଚିକିତ୍ସା ଶିବିର ଆୟୋଜିତ ହୋଇଛି। ଅଟିଜିମ୍ ଥେରାପିଷ୍ଟ ଡା. ପ୍ରତୀକ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆରଏସପି ଅକୁପେସନାଲ କେନ୍ଦ୍ରର ପୂର୍ବତନ ବିଭାଗୀୟ ମୁଖ୍ୟ ଡା. କରୁଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଅଟିଜିମ୍‌ର କାରଣ ଓ ନିରାକରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଡା. କର ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସତ୍ୟଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ରାଉରକେଲା ଏବଂ ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ଅଟିଜିମ୍ ରୋଗୀ ଉପସ୍ଥିତ ରହି ବିଶେଷ ଉପକୃତ ହୋଇଥିଲେ।

# ବିଜୁ ଜନତା ଦଳର ଜୋନ୍‌ସ୍ତରୀୟ ବୈଠକ





**ସୁନ୍ଦରଗଡ଼, ୧୫ ।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନରେ ବିଜେଡିର ତଳସରା ବିଧାନସଭା ପ୍ରାର୍ଥୀ ଡ. ବିନୟ ଟପ୍ପୋ ଏବଂ ଲୋକସଭା ପ୍ରାର୍ଥୀ ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କୁ ରେକର୍ଡ ସଂଖ୍ୟକ ଭୋଟ ବ୍ୟବଧାନରେ ବିଜୟୀ କରିବା ଉଦ୍ଦେଶ୍ୟରେ ସବଡେଗା ବ୍ଲକ ବିଜେଡି ପକ୍ଷରୁ ବ୍ଲକର କ ଓ। ଜିଲ୍ଲା ପରିଷଦ ଜୋନସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ସବଡେଗା ବ୍ଲକ ବିଜେଡି ସଭାପତି ମନୋଜ ବରୁଆଙ୍କ ସଭାପତିତ୍ୱରେ କିରାଲଗା ଗୋଷ୍ଠୀ କେନ୍ଦ୍ରରେ କ ଏବଂ କୁକୁରିଡିହିଠାରେ। ଜୋନର ସମସ୍ତ ୭ଟି ଲେଖାଏଁ ପଞ୍ଚାୟତକୁ ନେଇ ଅନୁଷ୍ଠିତ ଏହି ବୈଠକରେ ତଳସରା ନିର୍ବାଚନ ମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ବୈକୁଣ୍ଠ ନାଏକ ଏବଂ ବିଧାନସଭା ପ୍ରାର୍ଥୀ ଡ. ଟପ୍ପୋ ଯୋଗଦେଇ ଉପସ୍ଥିତ କର୍ମୀଙ୍କୁ ବୁଥ ଗଠନ ପ୍ରକ୍ରିୟା ସମ୍ପର୍କରେ ବୁଝାଇଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର କାଳରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସାମାଜିକ ଗଣମାଧ୍ୟମ ଏବଂ ଗ୍ରାମାଞ୍ଚଳରେ ପ୍ରତି ଘରେ ପ୍ରଚାରପ୍ରସାର କରିବା ପାଇଁ ପରାମର୍ଶ ଦେଇଥିଲେ।

ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ, ବ୍ଲକ ଯୁବ ବିଜେଡି ସଭାପତି ଅନନ୍ତ ପଟେଲ, ଜିଲ୍ଲା ପରିଷଦ ସଭ୍ୟା ଜଳନୀ କେରକେଟା, ସୁଦାମ ଭୋଇ, ଗୀତାଞ୍ଜଳି ପଟେଲ, ଡିଲେଶ୍ୱର ସାହୁ, ଧବଳେଶ୍ୱର ନେଗି, ସୁଜିତ ପଟେଲ, ବେଦବ୍ୟାସ ନାଏକ, ରାଜକୁମାର ବାର୍ଲା ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ସମ୍ପୃକ୍ତ ଜିଲ୍ଲା ପରିଷଦ ଜୋନର ସମସ୍ତ ପଞ୍ଚାୟତ ବିଜେଡି ସଭାପତି, ମହିଳା, ଯୁବ ଓ ଛାତ୍ର କର୍ମକର୍ତ୍ତା ଯୋଗଦେଇଥିଲେ।

## ଲକ୍ଷେଘର ସମାଜ ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ

**ସୁନ୍ଦରଗଡ଼, ୧୫ ।୪(ସମିସ):** ସବଡେଗା ବ୍ଲକ କୁରୁମକେଲ ପଞ୍ଚାୟତ ସିମଡେଗା ଗ୍ରାମରେ ଲକ୍ଷେଘର ସମାଜ ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ସମାଜର ବ୍ଲକ ସଭାପତି ମକରଧ୍ୱଜ ମହାନନ୍ଦଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ନାମଯଜ୍ଞରେ ପ୍ରଥମେ କଳସଯାତ୍ରା କରାଯାଇ ଶୁଭ ଅଧିବାସ କରାଯାଇଥିଲା। ଆଠ ପ୍ରହର ଧରି ଅହୋରାତ୍ର ନାମ ସଂକୀର୍ତ୍ତନ ପରେ ନଗର ଭ୍ରମଣ ଓ ଦଧିଭାଣ୍ଡ ଭଞ୍ଜନ ହୋଇଥିଲା। ଏଥିରେ ବହୁ ସଂକୀର୍ତ୍ତନ ଦଳ ଓ ଶ୍ରଦ୍ଧାଳୁ ଯୋଗଦେଇ ହରିନାମ ଗାନ କରିଥିଲେ। ଜଗଦୀଶ ଗର୍ଡ଼ିଆ, ସଞ୍ଜିତ ତାଜନ, ଲିଙ୍ଗରାଜ ସକୁରା, ଗୃହ ଗର୍ଡ଼ିଆ, ଧନୁ ସିଂ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

# ଝିରପାଣି ଓ ସେକ୍ଟର-୩ ଥାନା ଅଞ୍ଚଳରେ ଫ୍ଲାଗ୍ ମାର୍ଚ୍ଚ



**ରାଉରକେଲା, ୧୫ ।୪(ସମିସ):** ଆସନ୍ତା ନିର୍ବାଚନ ସହ ରାମନବମୀ ପାଳନ ଉପଲକ୍ଷେ ରାଉରକେଲା ସହର ଓ ଆଖପାଖ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ନିମନ୍ତେ ସହରର ସେକ୍ଟର-୩ ଏବଂ ଝିରପାଣି ଥାନା ଅଞ୍ଚଳରେ ପୁଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଡିଏସ୍‌ପି ପୁଷ୍ପାଞ୍ଜଳି ନେଗିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଫ୍ଲାଗ ମାର୍ଚ୍ଚରେ ସେକ୍ଟର-୩ ଥାନା ଅଧିକାରୀ ଓ ଝିରପାଣି ଥାନା ଅଧିକାରୀଙ୍କ ସମେତ ଅନ୍ୟ ଅଧିକାରୀ ଓ ପୁଲିସ କର୍ମଚାରୀ ଯୋଗଦେଇଥିଲେ। ଝିରପାଣି ଥାନା ଅଞ୍ଚଳର ଝିରପାଣି, ଜଗଦା, ସେକ୍ଟର-୧, ସେକ୍ଟର-୨ ଆଦି ଅଞ୍ଚଳ ରାସ୍ତା ଦେଇ ପୁଲିସ ଫ୍ଲାଗ୍ ମାର୍ଚ୍ଚ ଦଳ ସେକ୍ଟର-୩ ଥାନାରେ ପହଞ୍ଚିଥିଲେ।

**■ ଡେଲକି ଖଡ଼ିଆ ସମାଜର ବୈଠକ**

# ସମାଜର ସ୍ୱାଧୀନ ପ୍ରାର୍ଥୀଙ୍କୁ ନିର୍ବାଚନ ଲଢ଼ାଇବାକୁ ନିଷ୍ପତ୍ତି

**ସୁନ୍ଦରଗଡ଼, ୧୫ ।୪(ସମିସ):** ସବଡେଗା ବ୍ଲକ କରମଡିହି ଡାଇଜ ମହୁଲ ମନ୍ଦିର ପ୍ରାଙ୍ଗଣରେ ଡେଲକି ଖଡ଼ିଆ ସମାଜ ଜିଲ୍ଲା ସଭାପତି ପରମାନନ୍ଦ ବାଗଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସବଡେଗା ଓ ବାଲିଶଙ୍କରା ବ୍ଲକର ବରିଷ୍ଠ ସଭ୍ୟସଭ୍ୟା ଯୋଗଦେଇ ଆଗାମୀ ନିର୍ବାଚନରେ ଡେଲକି ଖଡ଼ିଆ ସମାଜର ଜଣେ ସଚ୍ଚୋଟ ବ୍ୟକ୍ତିଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇ ବିଜୟୀ କରାଇବାକୁ ଦୃଢ଼ ଶପଥ ନେଇଥିଲେ। ତଳସରା ବିଧାନସଭା ନିର୍ବାଚନରେ ଡେଲକି ଖଡ଼ିଆ ସମାଜର ଭୋଟ ହିଁ ନିର୍ଣ୍ଣାୟକ ହୋଇଥାଏ। ଏଣୁ ନିଜ ଭିତରେ ଭାଗ ଭାଗ ନ ହୋଇ ଜାତି ଓ ସମାଜର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଐକ୍ୟବଦ୍ଧ ଭାବେ ମତଦାନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ରାଜ୍ୟ ଡେଲକି ଖଡ଼ିଆ ସମାଜ ସଭାପତି ନୃପଚରଣ ଡନସନା, ଧନେଶ୍ୱର ନାଏକ, ତଳସରା ସରପଞ୍ଚ ତ୍ରିଲୋଚନ ପ୍ରଧାନ, ସବଡେଗା ସରପଞ୍ଚ ଗଣେଶ ପ୍ରଧାନ, ଦୁର୍ଜନ ବାଗ, ଆରତୀ ନାଏକ, ଉଗ୍ରସେନ ପ୍ରଧାନ, ଈଶ୍ୱର ମାଝୀ, ନରସିଂହ ଡନସନା, ବିନୋଦ ଡନସନା, ଦେବାନନ୍ଦ ଡନସନା, ଦୁଷ୍ମନ୍ତ ନାଏକ, ବୀରକିଶୋର ନାଏକ, ମାୟାଧର ପ୍ରଧାନ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ।

## ପିଏନ୍‌ବି ଗ୍ରାହକ ସେବା କେନ୍ଦ୍ରରୁ ଚୋରି

**ସୁନ୍ଦରଗଡ଼, ୧୫ ।୪(ସମିସ):** ଉଷ୍ମା ଥାନା ଅନ୍ତର୍ଗତ ଜେ. ରାଏବଗାଠାରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନବି)ର ଗ୍ରାହକସେବା କେନ୍ଦ୍ରରୁ ଚୋରି ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ସେବାକେନ୍ଦ୍ର ତାଲା ଭାଙ୍ଗି ସିସିଟିଭି, ହାର୍ଡଡିସ୍କ, କମ୍ପ୍ୟୁଟର ଆଦି ବିଭିନ୍ନ ଉପକରଣ ଚୋରାଇ ନେଇଛନ୍ତି। କେନ୍ଦ୍ରର ବିବିତା ମାଝୀ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ବିଜୟ ଗ୍ରୁପ୍ ପକ୍ଷରୁ ରକ୍ତଦାନ ଶିବିର




**ସୁନ୍ଦରଗଡ଼, ୧୫ ।୪(ସମିସ):** ସ୍ଥାନୀୟ ହୋଟେଲ ଜୟବିଜୟ ପରିସରରେ ବିଜୟ ଗ୍ରୁପ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏଡିଏମଓ ଡା. କାହ୍ନୁଚରଣ ନାୟକ, ଶିଶୁରୋଗ ବିଶେଷଜ୍ଞ ଡା. ମନୋଜ କୁମାର ଆଚାର୍ଯ୍ୟ, ବରିଷ୍ଠ ସମାଜସେବୀ ବେଣୁମାଧବ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ଓଡ଼ିଶା ରକ୍ତଭଣ୍ଡାରର ପରାମର୍ଶଦାତ୍ରୀ ରତ୍ନପ୍ରଭା ନାୟକଙ୍କ ତତ୍ତ୍ୱାବଧାନରେ ଟେକ୍ନିସିଆନମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ମୋଟ ୫୫ ୟୁନିଟ ରକ୍ତ ସଂଗୃହୀତ ହୋଇଛି।

**● ୫୫ ୟୁନିଟ୍ ସଂଗ୍ରହ**

# ବିଭିନ୍ନ ସ୍ଥାନରେ ଆମ୍ବେଦକର ଜୟନ୍ତୀ ପାଳିତ






## ପିଏମଶ୍ରୀ ନବୋଦୟ ବିଦ୍ୟାଳୟ

**ସୁନ୍ଦରଗଡ଼, ୧୫ ।୪(ସମିସ)**

ଜିଙ୍କନଗରସ୍ଥ ପିଏମଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟରେ ସମ୍ବିଧାନ ପ୍ରଣେତା ଡ. ବିଆର୍ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ତାପସ କୁମାର ଚଟ୍ଟୋପାଧ୍ୟାୟ, ବରିଷ୍ଠ ଶିକ୍ଷକ ଡିଏନ ସ୍ୱାଇଁ ତଥା ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଧ୍ୟକ୍ଷ ଚଟ୍ଟୋପାଧ୍ୟାୟ ଆମ୍ବେଦକରଙ୍କ ଜୀବନୀ ଉପରେ ଆଲୋଚନା କରିବା ପରେ ଛାତ୍ରୀ ବିଷ୍ଣୁପ୍ରିୟା ଓ ଶିକ୍ଷକ ଧନପତ ନାୟକ ଆମ୍ବେଦକରଙ୍କ ସଂଘର୍ଷମୟ ଜୀବନୀ, ଶିକ୍ଷା ଓ ସମ୍ବିଧାନ ପ୍ରଣୟନରେ ତାଙ୍କ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସମସ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷକଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

## ଗଡ଼ଜାତ ଇମ୍ପ୍ରୁଭମେଣ୍ଟ ଫାଉଣ୍ଡେସନ ଟ୍ରଷ୍ଟ

ସ୍ଥାନୀୟ ଲୁହୁରାଡିପାସ୍ଥିତ ଗଡ଼ଜାତ ଇମ୍ପ୍ରୁଭମେଣ୍ଟ ଫାଉଣ୍ଡସନ ଟ୍ରଷ୍ଟ (ଜିଆଇଏଫଟି) ପକ୍ଷରୁ ବାବାସାହେବଙ୍କ ଜୟନ୍ତୀ ପାଳିତ ହୋଇଛି। ସମାରୋହରେ ଅଧ୍ୟକ୍ଷ ଭବାନୀ ଶଙ୍କର ଦାସ, ଟ୍ରଷ୍ଟି ଅର୍ଜୁନ ମେହେଟା, ସଭାପତି ବୀରମିତ୍ର କେଚ୍ଛୁ, ସମ୍ପାଦକ କମଳା କୁସୁମ, ଉପ ସଭାପତି ପ୍ରଦୀପ ରୋହିଦାସ, କୋଷାଧ୍ୟକ୍ଷ ଧରିତ୍ରୀ ରୋହିଦାସ, ଶ୍ରୁତି ଦାନୀ, ହିମାଂଶୁ ସୋରେନ, ସଞ୍ଜୟ କୁମାର ଶେଖରଦେଓ, ଭାରତ ସୋରେନ, ସୁନୀତା ମଲ୍ଲିକ ପ୍ରମୁଖ ଯୋଗଦେଇ ବାବାସାହେବଙ୍କ ସ୍ମୃତିଚାରଣ କରିଥିଲେ।

## ଲକ୍ଷେଘର ସମାଜ ସେବା ସମିତି

ସୁନ୍ଦରଗଡ଼ ଲକ୍ଷେଘର ସମାଜ ସେବା ସମିତି ପକ୍ଷରୁ ମିଶନ ରୋଡ୍‌ଠାରେ ଆମ୍ବେଦକର ଜୟନ୍ତୀ ପାଳନ କରାଯାଇଛି। ଉପସ୍ଥିତ ସମସ୍ତ ସଦସ୍ୟ ବାବାସାହେବଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସମିତି ସଭାପତି ସଚ୍ଚିନ୍ଦ୍ର ବୁଖରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ



କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ଚୂଳକାନ୍ତି ତାଜନ ଯୋଗଦେଇ ଆମ୍ବେଦକରଙ୍କ ଜୀବନୀ ଉପରେ ଆଲୋଚନା କରିବା ସହ ଭାରତୀୟ ସମ୍ବିଧାନ ମାଧ୍ୟମରେ ସେ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ସାମାଜିକ, ଅର୍ଥନୈତିକ, ରାଜନୈତିକ ନ୍ୟାୟ ପ୍ରଦାନ କରିଥିବା କହିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ମଙ୍ଗଳ ଗର୍ଡ଼ିଆ, ବିଦ୍ୟାଭୂଷଣ ଶାସନୀ, ଲକ୍ଷ୍ମୀଧର ତାଜନ, ପର୍ଶୁରାମ ଜୟପୁରିଆ, ବୀଣାପାଣି ଗର୍ଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଅଶୋକ ଜାଲୱାନିଆ ହେଲେ ସିନିୟର କମାଣ୍ଡାଣ୍ଟ



**ରାଉରକେଲା, ୧୫ ।୪(ସମିସ):** ରାଉରକେଲା ଇସ୍ପାତ କାରଖାନାରେ କାର୍ଯ୍ୟରତ ସିଆଇଏସ୍‌ଏଫ୍ ୟୁନିଟ୍ କମାଣ୍ଡାଣ୍ଟ ଅଶୋକ ଜାଲୱାନିଆ ସିନିୟର କମାଣ୍ଡାଣ୍ଟ ଭାବେ ପଦୋନ୍ନତି ପାଇଛନ୍ତି। ତେବେ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେ ଆରଏସପି ସିଆଇଏସଏଫ ୟୁନିଟରେ ସିନିୟର କମାଣ୍ଡାଣ୍ଟ ଭାବେ ଦାୟିତ୍ୱ ନିର୍ବାହ କରିବେ। ଏହି ଅବସରରେ ସିଆଇଏସ୍‌ଏଫ୍ ଅଧିକାରୀମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଗାଡ଼ି ଚୋରି; ଜେଲ୍ ଗଲେ ଅଭିଯୁକ୍ତ

**ସୁନ୍ଦରଗଡ଼, ୧୫ ।୪(ସମିସ):** ତଳସରା ଥାନା ଅନ୍ତର୍ଗତ ତଳସରା ଗ୍ରାମର ଗୀତାଞ୍ଜଳି ମାଝୀଙ୍କ ଘରୁ ତାଙ୍କ ଆକ୍ଟିଭା ଗାଡ଼ି ଚୋରି ମାମଲାରେ ପୁଲିସ ରବିବାରଠାରୁ ଥାନାରେ ଅଟକ ରଖିଥିବା ସୁମନ୍ତ ମିଶ୍ରଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ଗୀତାଞ୍ଜଳି ଓ ତାଙ୍କ ସ୍ୱାମୀ ସବଡେଗା ଗ୍ରାମରେ ଭଡ଼ା ଘରେ ରହୁଥିବା ବେଳେ ଅଭିଯୁକ୍ତ ତାଙ୍କ ଘରକୁ ଯାଇ କୌଶଳ କ୍ରମେ ଗାଡ଼ି ଚୋରାଇ ନେଇଥିଲେ। ଏହା ଜାଣି ସେମାନେ ସୁମନ୍ତଙ୍କୁ ଗାଡ଼ି ଫେରାଇବାକୁ ଅନୁରୋଧ କରିଥିଲେ ହେଁ ସେ ଧରାଛୁଆଁ ଦେଉ ନ ଥିଲେ। ଇତିମଧ୍ୟରେ ଗୀତାଞ୍ଜଳିଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇସାରିଛି। ବାରମ୍ବାର କହିବା ସତ୍ତ୍ୱେ ସୁମନ୍ତ ଗଡ଼ି ନ ଫେରାଇବାରୁ ଗୀତାଞ୍ଜଳି ଶେଷରେ ଥାନା ଦ୍ୱାରସ୍ଥ ହୋଇଥିଲେ।

## ସେକ୍ଟର-୫ ପଡ଼ିଆରେ ଯୁବକଙ୍କୁ ଛୁରାମାଡ଼

**ରାଉରକେଲା, ୧୫ ।୪(ସମିସ):** ସେକ୍ଟର-୫ ଅରବିନ୍ଦ ସ୍କୁଲ ନିକଟ ପଡ଼ିଆରେ ସେକ୍ଟର-୪ ଅଞ୍ଚଳର ଲଳିତ ମହାପାତ୍ରଙ୍କୁ ଛୁରାମାଡ଼ ହୋଇଛି। ସୋମବାର ରାତିରେ ଏହି ଘଟଣା ଘଟିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ସେକ୍ଟର-୭ ଥାନା ପୁଲିସ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଛି। କୌଣସି କଥାକୁ ନେଇ ବଚସା ହେବା ପରେ ଦୁର୍ବୃତ୍ତମାନେ ତାଙ୍କୁ ଛୁରାମାଡ଼ କରି ଫେରାର ହୋଇଯାଇଥିଲେ। ଖବର ଲେଖାହେବା ଯାଏଁ ଅଧିକ ସୂଚନା ମିଳିପାରି ନାହିଁ। ଅପରପକ୍ଷେ ସେଠାରେ ଥିବା ଆରଏସପି ଅଧୀନ ପାର୍କରେ ସନ୍ଧ୍ୟା ହେବା ମାତ୍ରକେ ଅସାମାଜିକଙ୍କ ଆଡ୍ଡା ଜମିଥାଏ। ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ପୁଲିସକୁ ଅବଗତ କରିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି।

■ ପ୍ରିୟବ୍ରତ ଏବଂ ପ୍ରଦୀପଙ୍କୁ ଟିକଟ

# ନୂଆ ମୁହଁକୁ କଂଗ୍ରେସର ପ୍ରାଥମିକତା

**ସୋନପୁର, ୧୫।୪(ସମିସ):** ବହୁ ଦିନର କଳ୍ପନା ଜଳ୍ପନା ପରେ କଂଗ୍ରେସ ପକ୍ଷରୁ ଟିକଟ ଘୋଷଣା କରାଯାଇଛି । ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କୋଶଳବାଦୀ ନେତା ପ୍ରିୟବ୍ରତ ସାହୁଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି । ସେହିପରି ବୀରମହାରାଜପୁର ସଂରକ୍ଷିତ ଆସନରୁ ଯୁବ ନେତା ପ୍ରଦୀପ ସେଠୀଙ୍କୁ କଂଗ୍ରେସ ଦଳ ପକ୍ଷରୁ ଟିକଟ ପ୍ରଦାନ କରାଯାଇଛି । ଚଳିତ ସାଧାରଣ ନିର୍ବାଚନରେ ନୂଆ ମୁହଁମାନଙ୍କୁ କଂଗ୍ରେସ ଟିକଟ ପ୍ରଦାନରେ ପ୍ରାଥମିକତା ଦେଇଛି । ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ କମଳପୁର ଗାଁର ବାସିନ୍ଦା । ବହୁ ଦିନ ହେଲା ସୋନପୁର ବ୍ଲକ ଛକରେ ସେ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲି ବ୍ଲକ ଛକ ଦୁର୍ଗା ପୂଜା ସହ ସମ୍ପୃକ୍ତ ଅଛନ୍ତି । ସେହିପରି ପ୍ରଦୀପ ସେଠୀ ରାଜ୍ୟ ଏସ୍‌ସି ସେଲ୍‌ଫର କାର୍ଯ୍ୟକାରିଣୀ ସଦସ୍ୟ ରହିଛନ୍ତି । ଗତ ନିର୍ବାଚନ ସମୟରେ ମଧ୍ୟ ସେ ଟିକଟ ଦାବିଦାର ଥିଲେ । ଗତ ପଞ୍ଚାୟତ ନିର୍ବାଚନ ସମୟରେ କଂଗ୍ରେସ ପକ୍ଷରୁ ଜିଲ୍ଲା ପରିଷଦ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହୋଇଥିଲେ । ପ୍ରଦୀପଙ୍କ ଘର ବିନିକା ବ୍ଲକ ସିଲାଟିଠାରେ । ତେବେ ଚଳିତ ନିର୍ବାଚନ ପାଇଁ ଯୁବ ନେତାଙ୍କୁ ପ୍ରାର୍ଥୀ କରିଥିବାରୁ ଦଳରେ ଆଶାୟୀ ଥିବା ବରିଷ୍ଠ ନେତାଙ୍କୁ କେମିତି ମାନଭଞ୍ଜନ କରାଯାଉଛି ଦେଖିବାକୁ ବାକି ରହିଲା ।





**ଟିକଟ ପାଇଁ ଆଶାୟୀ ଥିବା ବରିଷ୍ଠ ନେତା ନିରାଶ**

ସାଂସଦ, ବିଧାୟକ ପ୍ରାର୍ଥୀଙ୍କ ମାରାଥନ ପ୍ରଚାର

# ଲୋକଙ୍କ ସମସ୍ୟା ବୁଝୁଛନ୍ତି ଲମ୍ବୋଦର, ରାଜେନ୍ଦ୍ର

**ନୂଆପଡ଼ା, ୧୫।୪(ସମିସ)**

ଆଗକୁ ସାଧାରଣ ନିର୍ବାଚନ ସକାଶେ ନାମାଙ୍କନ ପତ୍ର ଦାଖଲ ହେବ । ଏହାର ଅବ୍ୟବହିତ ପୂର୍ବରୁ ବିଜେଡି, ବିଜେପି ଏବଂ କଂଗ୍ରେସ ତରଫରୁ ସମସ୍ତ ଆସନରେ ପ୍ରାର୍ଥୀଙ୍କ ଟିକଟ ଘୋଷଣା ସରିଛି । ପ୍ରାର୍ଥୀମାନେ ଯେଝା ବାଟରେ ନିର୍ବାଚନ ପ୍ରଚାରରେ ମାତିଗଲେଣି । ଏହିକ୍ରମରେ ବିଜେଡିର ପ୍ରଚାର ଅଭିଯାନ ଜୋରଦାର ହୋଇଛି । ସୋମବାର ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଞ୍ଚଳରେ ଉଭୟ ବିଜେଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଏବଂ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ମାରାଥନ ପ୍ରଚାର କରି ଲୋକଙ୍କ ସମସ୍ୟା ବୁଝିଛନ୍ତି ।

ପୂର୍ବାହ୍ନରେ ବିରାଟ ପଟୁଆରରେ ଉଭୟ ନିଜ ସମର୍ଥକଙ୍କ ସହ ପ୍ରଚାରରେ ବାହାରିଥିଲେ । କୋମନା ବ୍ଲକର ରଜନା, ଝଗ୍ରାହୀ, ଅଗ୍ରେନ ଆଦି ପଞ୍ଚାୟତ ଅଞ୍ଚଳରେ ପ୍ରଚାର କରିଥିଲେ । ବେଲଗାଁରେ ଦଳ ସମାଜର କଲ୍ୟାଣ ମଣ୍ଡପ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଉଭୟ ଯୋଗ ଦେଇଥିଲେ । ସେହିଭଳି ଦେଓଦର୍ହା ଛକରେ ଏକ ବିଶାଳ ଜନସଭାକୁ ସମ୍ବୋଧନ କରି ଦୁଇଟି ଭୋଟ ଶଙ୍ଖକୁ ଦେବାକୁ ନିବେଦନ କରିଥିଲେ । ନବୀନଙ୍କ ହାତମୁଠାକୁ ଟାଣ କଲେ ରାଜ୍ୟ ପାଇଁ ଶୁଭଙ୍କର ହେବ ବୋଲି କହିଥିଲେ । ଏହାପରେ ମଲ୍ଲିକମୁଣ୍ଡା, ମାଠିଆ ପଦର, ରଜନା, ନାଏକପଡ଼ା, ବେଲଗାଁ, ସନବାହାଲି, ଗୋଇଜୋର, ସୋଲବନ୍ଧ ଆଦି ଗାଁରେ ପ୍ରଚାର ହୋଇଥିଲା । ସବୁ ଗାଁରେ ଉଭୟଙ୍କୁ ଲୋକେ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥଲେ । ସମ୍ବଲପୁରୀ ଗୀତର ତାଳେ ତାଳେ ଉଭୟ ଲୋକଙ୍କ ସହ ନାଚିଥିଲେ । ଏହି ପ୍ରଚାର ଅଭିଯାନରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ମୂରଲୀ ଭୋଇ, କୋମନା ବ୍ଲକ ଅଧକ୍ଷା ଅନୁସୂୟା କୁମ୍ଭାର, କ୍ଷମା ସାଗର ନିଆଲ, ମହେନ୍ଦ୍ର ନିଆଲଙ୍କ ସମେତ ଜନପ୍ରତିନିଧିମାନେ ମଧ୍ୟ ସାମିଲ ଥିଲେ । ଏହି ଅବସରରେ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଲୋକେ ଉଭୟଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ, ସାଂସଦ ପ୍ରାର୍ଥୀ ଲମ୍ବୋଦ ନିଆଲ କଳାହାଣ୍ଡି ଜିଲ୍ଲାର ୪ଟି ନିର୍ବାଚନମଣ୍ଡଳୀରେ ପ୍ରଚାର କାର୍ଯ୍ୟ ଶେଷ କରିବା ପରେ ଏବେ ନୂଆପଡ଼ା ଜିଲ୍ଲାର ଖଡିଆଳ ଏବଂ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଚାର ଚଳାଇଛନ୍ତି ।





**ମୁଖ୍ୟମନ୍ତ୍ରୀଙ୍କ ହାତମୁଠା ଟାଣ କରିବାକୁ ନିବେଦନ**
**ଶଙ୍ଖ ଚିହ୍ନାରେ ଦୁଇଟି ଭୋଟ୍ ଦେବାକୁ ଅନୁରୋଧ**
**ଫୁଲଚନ୍ଦନ ଦେଇ ସ୍ୱାଗତ କରୁଛନ୍ତି ଲୋକେ**



କଂଗ୍ରେସର ଟିକଟ ବଣ୍ଟନ ନେଇ

# ନିରାଶ ହେଲେ ବିନୋଦ ପାତ୍ରଙ୍କ ଶୁଭେଚ୍ଛୁ

**ସୋନପୁର, ୧୫।୪(ସମିସ):** ବିଜେପି ଭଳି କଂଗ୍ରେସରେ ମଧ୍ୟ ଟିକଟ ବଣ୍ଟନ ପରେ ଅସନ୍ତୋଷର ନିଆଁ କୁହୁଳିବାକୁ ଲାଗିଲାଣି । ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ଏବଂ ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଦୁଇ ଜଣ ନୂଆ ଚେହେରାଙ୍କୁ କଂଗ୍ରେସ ଟିକଟ ଦେଇଛି । ଏହାପରେ ଦଳର କିଛି ବରିଷ୍ଠ ନେତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ବୀରମହାରାଜପୁର ଆସନ ପାଇଁ ଟିକଟ ଦୌଡରେ ସର୍ବାଗ୍ରେ ଥିବା ପୂର୍ବତନ ସୋନପୁର ବିଧାୟକ ତଥା ଜିଲ୍ଲା କଂଗ୍ରେସ ସଭାପତି ବିନୋଦ ପାତ୍ର ଟିକଟ ବଣ୍ଟନକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଗାଁ ଗାଁ ବୁଲି ସେ ସଂଗଠନ କରିଥିଲେ । ଏତେ ପରିଶ୍ରମ ସତ୍ତ୍ୱେ ଦଳ ଟିକଟ ନ ଦେବା ତାଙ୍କ ପ୍ରତି ଅନ୍ୟାୟ ବୋଲି ବିନୋଦ କହିଛନ୍ତି । ଏହାକୁ ନେଇ ସୋମବାର ସନ୍ଧ୍ୟାରେ ସୋନପୁରଠାରେ ବିନୋଦଙ୍କ ସମର୍ଥକଙ୍କ ଏକ ଜରୁରୀ ବୈଠକ ବସିଥିଲା । ଟିକଟ ପ୍ରଦାନ ନିଷ୍ପତ୍ତି ବଦଳାଇବା ପାଇଁ ତାଙ୍କ ଶୁଭେଚ୍ଛୁ ଦାବି କରିଛନ୍ତି । ଏ ନେଇ ରାଜ୍ୟ ତଥା କେନ୍ଦ୍ର ନେତୃ ବୃନ୍ଦଙ୍କୁ ଚିଠି ଲେଖା ଯାଉଛି । ନିଷ୍ପତ୍ତି ନ ବଦଳିଲେ ଦଳର ଶତାଧିକ କର୍ମୀ ସାମୂହିକ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛନ୍ତି ।



ତୁରେକେଲା ପୁଲିସକୁ ସଫଳତା

# ୪ ବାଇକ୍ ଚୋର ଗିରଫ; ଜଣେ ଫେରାର

**ତୁରେକେଲା, ୧୫।୪(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ପୁଲିସ ୪ ବାଇକ୍ ଚୋରଙ୍କୁ ଗିରଫ ସହ ୪ ବାଇକ୍ ଜବତ କରିଛି । ଗିରଫ ୪ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣ ଚଟୁଅନକା ଗ୍ରାମର ଏବଂ ଜଣେ ଡଙ୍ଗାମରା ଗ୍ରାମର ବୋଲି ଜଣାପଡ଼ିଛି ।

ତୁରେକେଲା ଥାନା ଅଧୀନ ସେମଲା ଗାଁର ଖଗେଶ୍ୱର ମେହେରଙ୍କ ବାଇକ ୧୩ ତାରିଖ ପ୍ରାୟ ଏକ ଟା ସମୟରେ ଚୋରି ହୋଇଥିଲା । ଏନେଇ ସେ ତୁରେକେଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତୁରେକେଲା ପୁଲିସ ମାମଲା ରୁଜୁ କରି ଅଭିଯୋଗକୁ ଆଧାର କରି ତୁରେକେଲା ଥାନା ଅଧିକାରୀ ରମାକାନ୍ତ ସାହୁ ଏକ ଟିମ ଗଠନ କରି ଅଧିକ ତଦନ୍ତ ଆରମ୍ଭ କରିଥିଲେ । ପୁଲିସ ତଦନ୍ତ କରି ତୁରେକେଲା ଥାନା, ବେଲାପଡ଼ା ଥାନା, ବଙ୍ଗୋମୁଣ୍ଡା ଥାନା ଏବଂ ସଇଁତଲା ଥାନା ଅଞ୍ଚଳରୁ ୪ ବାଇକ ଉଦ୍ଧାର କରିବା ସହ ବାଇକ ଚୋରି କରିଥିବା ନେଇ କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ଚଟୁଅନକା ଗାଁ ହିମାଂଶୁ ପଟେଲ (୨୧), ଯୋଗୀ ପଟେଲ (୨୩) ଦୂଲ୍ହନ୍ ଦାସ (୧୯), ଡଙ୍ଗାମରା ଗାଁ ର ବିଜୟ କାଣ୍ଡ (୨୨)ଙ୍କୁ ଗିରଫ କରିଥିଲା । ବାଇକ ଚୋରି ଦଳର ଚଟୁଅନକା ଗାଁର ମୁଖ୍ୟ ଅଭିଯୁକ୍ତ ବର୍ତ୍ତମାନ ଫେରାର ମାରିଥିବାବେଳେ ଗିରଫ ୪ଜଣ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିବା କଣ୍ଟାବାଞ୍ଜି ଏସ୍‌ଡିପିଓ ଗୌରାଙ୍ଗ ଚରଣ ଦାସ ସୋମବାର ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି । ଫେରାର ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ପାଇଁ ତନାଘନା ଜାରି ରଖିଛି ପୋଲିସ୍ ।



# ପିକ୍‌ଅପ୍-ବାଇକ୍ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ

**ସିନାପାଲି, ୧୫।୪(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅଧୀନ ସାଲେବିଡି ହନୁମାନ ଛକ ଫୋରୱେ ରାସ୍ତାରେ ପିକ୍‌ଅପ୍ ଓ ବାଇକ୍ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ଦୁଇ ମୃତକ ହେଲେ ବାଇକ୍ ଆରୋହୀ ବୈଗାଁପଡ଼ାର ଫକିର ମୋହନ ବାଗ (୫୦) ଓ ଦୁର୍ଯ୍ୟୋଧନ ନେତାମ (୫୫) । ଉଭୟ ଟିମନପୁରରୁ ଫେରୁଥିବା ବେଳେ ପିକ୍‌ଅପ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଉଭୟ ଗୁରୁତର ହୋଇପଡ଼ିଥିଲେ । ଘଟଣା ସ୍ଥଳରେ ସିନାପାଲି ଥାନା ଏଏସ୍‌ଆଇ ପ୍ରଭାକର ନାଏକ ପହଞ୍ଚି ଆମ୍ବୁଲେନ୍ସରେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ବାଟରେ ଜଣକଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟ ଜଣେ ଡାକ୍ତରଖାନାରେ ଆଖି ବୁଜିଥିଲେ । ଏ ନେଇ ସିନାପାଲି ଥାନା ପୁଲିସ ଅଧିକ ଏକ ମାମଲା ରୁଜୁ କରିଛି । ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ବଲାଙ୍ଗିର, ୧୫।୪(ସମିସ):** ଟିଟିଲାଗଡ଼ ନେହରୁ ନଗର ନିବାସୀ ସନ୍ଧ୍ୟା ସାହୁ (୩୭) ଙ୍କ ମୃତ୍ୟୁ ଘଟଣାକୁ ନେଇ ସାଧାରଣରେ ସନ୍ଦେହ ଦେଖା ଦେଇଛି ।

ରବିବାର ବଲାଙ୍ଗିର ରେଳବାଇ ଥାନା ଅଧୀନ ଶିକେର ରେଳଷ୍ଟେସନ ନିକଟ ରେଳ ଧାରଣାରୁ ସନ୍ଧ୍ୟାଙ୍କ ମୃତଦେହ ବଲାଙ୍ଗିର ଜିଆରପି ଉଦ୍ଧାର କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ପରେ ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇଥିବା ବେଳେ ସେ ଟିଟିଲାଗଡ଼ ମଦ ବ୍ୟବସାୟୀ ଦୀପକ ସାହୁଙ୍କ ମ୍ୟାନେଜର ସୁରଜ ସାହୁଙ୍କ ଧର୍ମପତ୍ନୀ ସନ୍ଧ୍ୟା ସାହୁ ବୋଲି ଜଣାପଡ଼ିଛି । ସନ୍ଧ୍ୟାଙ୍କ ମୃତଦେହରେ ବିଶେଷ କିଛି କ୍ଷତ ନ ଥିବା ତଥା ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ ସୃଷ୍ଟି ହୋଇଛି । ଅପରପକ୍ଷରେ ସୁରଜ୍ ଙ୍କ ପରକୀୟା ପ୍ରୀତି ଯୋଗୁଁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ନିୟମିତ ଝଗଡ଼ା ଲାଗି ରହୁଥିବା ଏବଂ ସେ ପୂର୍ବରୁ ମଧ୍ୟ ୨ ଥର ଆତ୍ମହତ୍ୟା ଉଦ୍ୟମ କରିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି । ଘଟଣାର ନିରପେକ୍ଷ ତଦନ୍ତ କଲେ ପ୍ରକୃତ ଘଟଣା ସାମ୍ନା କୁ ଆସିବା ନେଇ ସାଧାରଣ ରେ ପ୍ରକାଶ ପାଇଛି ।

# କୋମନାରେ ଆମ୍ବେଦକରଙ୍କ ଜୟନ୍ତୀ

**କୋମନା, ୧୫।୪(ସମିସ):** କୋମନାସ୍ଥିତ ଡ. ବି ଆର ଆମ୍ବେଦକର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ କୋମନା ବସ୍‌ଷ୍ଟାଣ୍ଡ ନିକଟରେ ଭାରତୀୟ ସମ୍ବିଧାନ ନିର୍ମାତା, ଡ. ବି ଆର ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ମହା ସମାରୋହ ପାଳିତ ହୋଇଛି । ଏହି ମହୋତ୍ସବର ମଞ୍ଚ ସଭାପତି ତଥା କୋମନା ପଞ୍ଚାୟତ ସମିତି ଅଧକ୍ଷା ଅନୁସୂୟା କୁମ୍ଭାର, ଜିଲ୍ଲା ପରିଷଦ ଉପାଧକ୍ଷା ଦୀପିକା ଦୀପ, ନୂଆପଡ଼ା ମହାମାୟା କଲେଜ ଅଧକ୍ଷ ଡ. ଅନିଲ ତାଣ୍ଡି, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ରଶ୍ମିତା ବାଗ, କୋମନା ବ୍ଲକ କୃଷି ବିଭାଗର ଗୌରୀ ନନ୍ଦ, ବହୁଜନ ସମାଜ ପାର୍ଟିର ଜିଲ୍ଲା ସଭାପତି କୁନ୍ତୀ ସାହୁ, ବହୁଜନ ସମାଜ ପାର୍ଟିର ନେତା ରାଜାରାମ ସାହୁ, ପଞ୍ଚାୟତ ସମିତି ମେମ୍ବର ମାୟାଧର ସୁନାନୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ସଭାପତି ଅଜମ୍ବର ତାଣ୍ଡି ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲାବେଳେ ଖଗେଶ୍ୱର ଦୀପ ମଞ୍ଚ ପରିଚାଳନା କରିଥିଲେ । ରଞ୍ଜନ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବୀରେନ୍ଦ୍ରେ ଟିଟିଲାଗଡ଼ କଂଗ୍ରେସ ବିଧାୟକ ପ୍ରାର୍ଥୀ

**ଟିଟିଲାଗଡ଼, ୧୫।୪(ସମିସ):** ଟିଟିଲାଗଡ଼ ଅଞ୍ଚଳର ଜଣାଶୁଣା ସମାଜସେବୀ ଆଇନଜୀବୀ ବୀରେନ୍ଦ୍ର ବାଗ ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ଭାବରେ ଟିକଟ ପାଇଛନ୍ତି । ଛାତ୍ର ଜୀବନରୁ ବୀରେନ୍ଦ୍ର ରାଜନୀତିରେ ସମ୍ପୃକ୍ତ ଅଛନ୍ତି । ଏନେଇ ଦଳ ପକ୍ଷରୁ ପିସିସି ସମ୍ପାଦକ ଡମ୍ବରୁ ଛତ୍ରିଆ, ସଭ୍ୟ ଆଇନଜୀବୀ ସୁମନ୍ତ ବେହେରା, ପିସିସି ମୁଖପାତ୍ର ଦେବାନନ୍ଦ ସାହୁ ଟିଟିଲାଗଡ଼ ନଗର କଂଗ୍ରେସ ସଭାପତି ଘିନୁ ଆଡ଼ୟୁଆଡ଼ ପିସିସି ସଭାପତି ଶରତ ପଟ୍ଟନାୟକ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି ।



# ହନୁମାନ ଜୟନ୍ତୀରେ ନେତାଙ୍କ ଶକ୍ତି ପ୍ରଦର୍ଶନ



**ସଇଁତଲା, ୧୫।୪(ସମିସ):** ଦିନକୁ ଦିନ ଟିଟିଲାଗଡ଼ ରାଜନୀତି ସରଗରମ ହେବାରେ ଲାଗିଲାଣି । ବିଭିନ୍ନ ଦଳର ନେତାମାନେ ଗାଁଗାଁରେ କସରତ ଆରମ୍ଭ କଲେଣି । ହନୁମାନ ଜୟନ୍ତୀରେ ସଇଁତଲାରେ ଦୁଇଟି ଗୋଷ୍ଠୀ ମଧ୍ୟରେ ଶୋଭାଯାତ୍ରା କରାଯାଇଥିଲା । ସଇଁତଲା ସରପଞ୍ଚ ସୁବ୍ରତ ନାଗ ଦ୍ୱାରା ଆୟୋଜିତ ଜୟନ୍ତୀରେ ଟିଟିଲାଗଡ଼ ବିଜେଡି ବିଧାୟିକା ପ୍ରାର୍ଥୀ ଟୁକୁନି ସାହୁ ଯୋଗ ଦେଇ ସ୍ଥାନୀୟ ଚଣ୍ଡୀମନ୍ଦିର ଦର୍ଶନ କରିବାପରେ ସହରରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିଲେ । ଅନ୍ୟପଟେ ସଇଁତଲାସ୍ଥିତ ଶିବ ମନ୍ଦିରରୁ ସଇଁତଲା ବଜରଙ୍ଗ ଦଳ ପକ୍ଷରୁ ଜୟନ୍ତୀ ଉତ୍ସବରେ ଟିଟିଲାଗଡ଼ ବିଜେପି ପ୍ରାର୍ଥୀ ଯୋଗ ଦେଇଥିଲେ ।

# ଟିଟିଲାଗଡ଼ରେ ବଳରାମଙ୍କ ପ୍ରଚାର



**ଟିଟିଲାଗଡ଼, ୧୫।୪(ସମିସ):** ବିଜେପି ନେତା ବଳରାମ ଯାଦବ ବଲାଙ୍ଗିର ଲୋକସଭା ଆସନରୁ ନିର୍ବାଚନ ଲଢ଼ିବା ପାଇଁ ପ୍ରସ୍ତୁତି କରିଥିଲେ । ତାଙ୍କୁ ଦଳ ଟିକଟ ନଦେବା ନେଇ ତାଙ୍କ ସମର୍ଥକ ନିରାଶ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ବରିଷ୍ଠ ଯାଦବ ନେତା ବଳରାମ ସ୍ୱାଧୀନ ପ୍ରାର୍ଥୀ ଭାବରେ ସାଂସଦ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପାରନ୍ତି ବୋଲି ଜଣାଯାଇଛି । ଆଜି ବଳରାମଙ୍କ ଟିଟିଲାଗଡ଼ ଗସ୍ତ ସହ ବିଭିନ୍ନ ସ୍ଥାନରେ ସମର୍ଥକଙ୍କ ସହ ବୈଠକ ଚର୍ଚ୍ଚାର ବିଷୟ ହୋଇଛି । ବ୍ଲକ ଅନ୍ତର୍ଗତ ଜଗୁଆ ଗିରିଗୋବର୍ଦ୍ଧନ ପୂଜା ମଣ୍ଡପରେ ସଭା, ସର୍ଗିହୁଡା ରାମ ମନ୍ଦିରରେ ପରାୟଣ ଭଜନରେ ଯୋଗଦାନ କରିଥିଲେ । ଟିଟିଲାଗଡ଼ ଉପଖଣ୍ଡ ଯାଦବ ସଂଘ ସଭାପତି ଘିନୁ ଆଡ଼ୟୁଆଡ଼, ଯାଦବ ଯୁବ ନେତା ମାନସିଂ ଯାଦବ, ଯୁବରାଜ ବଗର୍ତ୍ତି, ଜିଲ୍ଲା ଯାଦବ ମହାସଭା ଉପସଭାପତି ଧନେଶ୍ୱର ଛତର, ରାଧେଶ୍ୟାମ ପୋଡ଼, ଯୁବଯାଦବ ସଭାପତି ରଞ୍ଜିତ ଆଡ଼ୟୁଆଡ଼, ଭାଗ୍ୟବନ୍ତ ସାଗର, ମୁକେଶ ବାଗ, ମେଘବର୍ଣ୍ଣ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେଡି ତରଫରୁ ଇଦ୍ ମୁବାରକ କାର୍ଯ୍ୟକ୍ରମ




**ନୂଆପଡ଼ା, ୧୫।୪ (ସମିସ):** ସ୍ଥାନୀୟ ଖରିଆରରୋଡସ୍ଥିତ ମୁସଲିମ ସରାୟତରେ ବିଜେଡି ତରଫରୁ ଇଦ ମୁବାରକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ, ନୂଆପଡ଼ା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ଅତିଥି ଭାବେ ଯୋଗ ଦେଇଥିଲେ । ଜୟ ଢୋଲକିଆ ସଭାପତିତ୍ୱ କରିଥିବାବେଳେ ଜିଲ୍ଲା ଉପସଭାପତି ଧନୀରାମ ସାହୁ ମଞ୍ଚ ପରିଚାଳନା କରିଥିଲେ ।

'ତହଁକ୍ କୁଟୁମ୍' ତରଫରୁ ସାହିତ୍ୟ କାର୍ଯ୍ୟକ୍ରମ

# 'ସ୍କୁଲ୍ ନୁ କଲେଜ୍ ଗାଁ ନୁ ସହର୍, ତହଁକ୍ ପୁହିଁଞ୍ଚିଲା ଘର୍ କେ ଘର୍'



**ବଲାଙ୍ଗିର, ୧୫।୪(ସମିସ):** କୋଶଳୀ ଭାଷାର ଶବ୍ଦ ଗୀତ ପାରମ୍ପରିକ ଜିନିଷର ଆଜିକାଲି ଖୁବ୍ କମ୍ ଦେଖିବାକୁ ମିଳୁଛି । ଆଜିର ଦିନରେ ସମସ୍ତେ ନିଜ ନିଜର ବ୍ୟସ୍ତତା ଭିତରେ ରହି ମା' ମାଟିର ଭାଷା ସାହିତ୍ୟକୁ ଭୁଲିଯିବାକୁ ବସିଲେଣି । ଏହି ପରିପ୍ରେକ୍ଷୀରେ ବଲାଙ୍ଗିର ଜିଲ୍ଲାର କୋଶଳୀ ସାହିତ୍ୟ ଅନୁଷ୍ଠାନ ତହଁକ୍ କୁଟୁମ୍ ପକ୍ଷରୁ ' ସ୍କୁଲ୍ ନୁ କଲେଜ୍ ଗାଁ ନୁ ସହର୍, 'ତହଁକ୍ ପୁହୁଁଚିଲା ଘର୍ କେ ଘର' କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ଗାଁରେ ଏକ ପରିକ୍ରମା କରାଯିବା ପରେ କୋଶଳୀ ଭାଷା ଆଜିର ଏଇ ଚକଚକିଆ ବିଦେଶୀ ଭାଷାର ଚକତଳେ କେମିତି ଚାପି ହେବାକୁ ବସିଥିବାବେଳେ ନିଜର ମାତୃଭାଷା କୋଶଳୀ ର କେମିତି ପୁନରୁଦ୍ଧାର କରି ଆଗାମୀ ପିଢିକୁ ଜଣାଇ ଆମ ଭାଷାକୁ ବଞ୍ଚାଇ ରଖିବା ସେ ପ୍ରତି ଜନସାଧାରଣଙ୍କୁ କବିମାନେ ନିଜର ବକ୍ତବ୍ୟ ଏବଂ କବିତା ମାଧ୍ୟମରେ ଦର୍ଶାଇଥିଲେ । କବି ନିରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଏହି ସଭାରେ ତହଁକ୍ ସମ୍ପାଦକ ରାଜେଶ ଦଣ୍ଡସେନା, କବି ଅର୍ଜୁନ କୁମାର ସାହୁ, ଆଶୁକବି ଗରିବ ମଲ୍ଲିକ, କବୟିତ୍ରୀ ପ୍ରଭାସିନୀ ଭୋଇ, କବି ମିଲନ୍ ପଣ୍ଡା, କବି ପୂର୍ଣ୍ଣଚନ୍ଦ୍ର ଯୋଷୀ, କବି ମନୋରଞ୍ଜନ ସା ଯୋଗଦେଇ ଥିଲେ । ଆଗକୁ ପ୍ରତି ମାସରେ ସ୍କୁଲ କଲେଜ କିମ୍ବା ଗାଁସ୍ତରରେ ମାସକୁ ଗୋଟିଏ ଦୁଇଟି କୋଶଳୀ ଭାଷା ଚର୍ଚ୍ଚା ଘର୍ ଘର୍ ତକ୍ ତହଁକ୍ କୁଟୁମ୍ ପହଞ୍ଚାଇବ ବୋଲି ସମ୍ପାଦକ ରାଜେଶ ଦଣ୍ଡସେନା ନିଜ ବକ୍ତବ୍ୟରେ କହିଥିଲେ । ଭୋଜରାଜ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

୧୯ରୁ ବଲାଙ୍ଗିର ରାମଲୀଳା

# ଝଲସିବ ୧୫୦ ବର୍ଷର କାଠମୁଖା ଓ ଛଉ ନୃତ୍ୟ

**ବଲାଙ୍ଗିର, ୧୫।୪(ସମିସ)**

ପଞ୍ଚମ ମାଉସୀ ମା' ମନ୍ଦିର ରାମଜୀ ନାଟ୍ୟ ସଂସଦ ସର୍ବ ପୁରାତନ ରାମଲୀଳା ପାଇଁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ବାଲମୁକୁନ୍ଦ ବେହେରା, ସଭାପତି ବାସୁଦେବ ବେହେରା, ସାଧାରଣ ସମ୍ପାଦକ ରାମଚନ୍ଦ୍ର ନାଏକ, କୋଷାଧକ୍ଷ ପ୍ରହ୍ଲାଦ ଦର୍ଜୀ, ଉପ-ସଭାପତି ଚତୁର୍ଭୁଜ ରାଉତ, କାର୍ଯ୍ୟକାରୀ ସଭାପତି ଶୁଶାନ୍ତ ଚୋପଦାର, ସହ-ସମ୍ପାଦକ ରବି ନାରାୟଣ ନାଏକ, ସହ-କୋଷାଧକ୍ଷ ଘୁଣ୍ଡୁ ଗୋପାଳ ମିଶ୍ର, ଡା. ରୁଦ୍ର ନାରାୟଣ ପଟେଲ ଉପସ୍ଥିତ ଥିବାବେଳେ ବିଭିନ୍ନ ରାମଲୀଳାକୁ ନେଇ ଜଗନ୍ନାଥ ପଡ଼ାରେ କିଭଳି ସୁରୁଖୁରୁ ରେ ଆଲୋଚନା ହୋଇଥିଲା । ୧୭ ତାରିଖ ସନ୍ଧ୍ୟାରେ ଶୋଭାଯାତ୍ରା ଆରମ୍ଭ ହେବ । ୧୯ ତାରିଖଠାରୁ ଜଗନ୍ନାଥ ପ୍ରାଙ୍ଗଣରେ ଦୀର୍ଘ ୨୧ ଦିନ ପର୍ଯ୍ୟନ୍ତ ରାମଲୀଳା ଅନୁଷ୍ଠିତ ହେବ ।୧୫୦ ବର୍ଷର କାଠମୁଖା ଓ ଛଉ ନୃତ୍ୟ ତାଳେ ତାଳେ ଏ ବର୍ଷ ବେଶ ଦୁଲୁକିବ ରାମଲୀଳା । ଡା. ରୁଦ୍ରନାରାୟଣ ପଟେଲ ଏ ବର୍ଷ ପୁଣି ରାବଣ ଭୂମିକାରେ ଅଭିନୟ କରିବେ ।



